୬ ▶ ବିଶ୍ୱର ପ୍ରଥମ ବୋଲର ଭାବେ ଟି-୨୦ରେ ୭୦୦ ୱିକେଟ ଅକ୍ତିଆର କଲେ ରସିଦ୍ ଖାନ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୦ ● ୧୭ ଫେବୃଆରୀ ୨୦୨୬, ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-20 ● 17th February 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ଆଜିଠୁ ବସିବ ବିଧାନସଭା

## ସୁରକ୍ଷା ବ୍ୟବସ୍ଥା କଡାକଡି

ଭୁବନେଶ୍ୱର, ୧୬।୨

ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ଠାରୁ ସପ୍ତଦଶ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେଉଥିବାରୁ ଏଥିପାଇଁ ଉଭୟ ବିରୋଧୀ ଏବଂ ଶାସକ ଦଳ ରଣନୀତି ସହ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛନ୍ତି । ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଖୋଦ୍ ସ୍ଥିତି ପରଖିଛନ୍ତି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ । ଏପ୍ରିଲ ୮ ତାରିଖ ଯାଏଁ ଚାଲିବାକୁ ଥିବା ଏହି ଅଧିବେଶନରେ ସୁରକ୍ଷାକୁ ନେଇ ଯେପରି କୌଣସି ତ୍ରୁଟି ନ ହୁଏ, ସେଥିପ୍ରତି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରହିଛି ପୁରା ବିଧାନସଭା । ପୋଲିସ କମିଶନର ଶ୍ରୀ ସିଂ ପୁରା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ସହ ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଏବଂ କୌଣସି ବି ପରିସ୍ଥିତିର ମୁକାବିଲା ପାଇଁ ସବୁବେଳେ ସତର୍କ ଓ ସଜାଗ ରହିବାକୁ ନିୟୋଜିତ *(ପୃଷ୍ଠା ୭ରେ)*



### ବିରୋଧୀଙ୍କୁ ସାମ୍ନା କରିବାକୁ ଶାସକ ଦଳର ରଣନୀତି

ଭୁବନେଶ୍ୱର, ୧୬।୨ : ନ୍ୟୁଜ୍ ବ୍ୟୁରୋ

ବଜେଟ୍ ଅଧିବେଶନ କାଳରେ ବିରୋଧୀ ଦଳକୁ ସାମ୍ନା କରିବା ପାଇଁ ଶାସକ ବିଜେପି ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ବିଜେପି ବିଧାୟକ ଦଳ ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଅଧିବେଶନ କାଳରେ ବିରୋଧୀ ଦଳ ପକ୍ଷରୁ ଯେଉଁ ସବୁ ପ୍ରଶ୍ନ ଓ ପ୍ରସଙ୍ଗ ଉତ୍ଥାପନ କରାଯିବ ତାହାର ଉଚିତ *(ପୃଷ୍ଠା ୭ରେ)*



### ସର୍ବଦଳୀୟ ବୈଠକରେ ସହଯୋଗ ଲୋଡିଲେ ବାଚସ୍ପତି

ଭୁବନେଶ୍ୱର, ୧୬।୨ : ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାରଠାରୁ ଆରମ୍ଭ ହେଉଥିବା ବିଧାନସଭାର ବଜେଟ୍ ଅଧିବେଶନକାଳରେ ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ସୁରମା ପାଢୀ ସମସ୍ତଙ୍କ ସହଯୋଗ ଲୋଡିଛନ୍ତି । ସୋମବାର ବିଧାନସଭା ସ୍ଥିତ ତାଙ୍କ ପ୍ରକୋଷ୍ଠରେ ବାଚସ୍ପତି ଶ୍ରୀମତୀ ପାଢୀ ସର୍ବଦଳୀୟ ବୈଠକ ଡକାଇଥିଲେ ।ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, *(ପୃଷ୍ଠା ୭ରେ)*

# ଖୁବ୍‌ଶୀଘ୍ର ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତିମଣତି

ଭୁବନେଶ୍ୱର, ୧୬।୨

ନ୍ୟୁଜ୍ ବ୍ୟୁରୋ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନା ଅଳଙ୍କାର ଓ ମୋତିମାଣିକର ଖୁବ୍ ଶୀଘ୍ର ଗଣତି-ମଣତି ଆରମ୍ଭ ହେବ । ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରୁ ଏହା ଜଣାଯାଇଛି ।

ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହି ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖିଥିଲେ । ସୂଚନାଯୋଗ୍ୟ ଯେ, ଗଣତି-ମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଛି । ବାହାର ଓ ଭିତର ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଇତି ମଧ୍ୟରେ ସରିଛି । ସମଗ୍ର ପ୍ରକ୍ରିୟା ୯୫ ଦିନରେ ଓ ୩୩୩ ଘଣ୍ଟାର କାମରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଛି । ବର୍ତ୍ତମାନ ଗଣତି-ମଣତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।

ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ଗଣତି-ମଣତି ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଏସଓପି ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା



ପ୍ରସ୍ତୁତ କରାଯାଇଛି । ସରକାରଙ୍କ ଅନୁମୋଦନ ପରେ ଏହା ଆରମ୍ଭ କରାଯିବ । କଡା ସୁରକ୍ଷା ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ ।

ସୂଚନାଯୋଗ୍ୟ ଯେ, ଶେଷ ଗଣତି-ମଣତି ପ୍ରକ୍ରିୟା ୧୯୭୮ରେ ହୋଇଥିଲା । ତେଣୁ ବର୍ତ୍ତମାନର ପ୍ରକ୍ରିୟାରେ ସମ୍ପତ୍ତିର ଗଣତି ସମୟରେ ଏହାକୁ ୧୯୭୮ର ତାଲିକା ସହିତ ମେଳକ କରାଯାଇ ଚୁଡାନ୍ତ ତାଲିକା ପ୍ରସ୍ତୁତ କରାଯିବ । ସମ୍ପୂର୍ଣ୍ଣ ପ୍ରକ୍ରିୟାର ଫଟୋଗ୍ରାଫି ସହିତ ଡିଜିଟାଲ୍ କାଟାଲଗ୍ ପ୍ରସ୍ତୁତ କରାଯିବ ବୋଲି ବୈଠକରୁ ଜଣାଯାଇଛି । ବୈଠକରେ ଚଳିତ ବର୍ଷର ରଥଯାତ୍ରାର ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା । ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଫାସି କାଠ ଓ ଚନ୍ଦନ କାଠର ବ୍ୟାପକ ଆବଶ୍ୟକତା ରହୁଥିବାରୁ ଏଥିପାଇଁ ବନପ୍ରକଳ୍ପ ଜରିଆରେ ଏହି ଗଛ ଗୁଡିକ ଲଗାଇବା ପାଇଁ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ମାର୍ଚ୍ଚ ୮ରେ 'ସୁଭଦ୍ରା'ର ଚତୁର୍ଥ କିସ୍ତି

ଭୁବନେଶ୍ୱର, ୧୬।୨ : ନ୍ୟୁଜ୍ ବ୍ୟୁରୋ

ମହିଳାଙ୍କ ପାଇଁ ଆସିଲା ଖୁସି ଖବର । ପୁଣି ଥରେ ମହିଳାଙ୍କ ଖାତାକୁ ଆସିବ ଟଙ୍କା । 'ସୁଭଦ୍ରା'ର ଚତୁର୍ଥ କିସ୍ତି ଆସିବା ନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଅପେକ୍ଷା ହେଲା ଅପେକ୍ଷାର ଅନ୍ତ, ଘୋଷଣା କଲେ ସରକାର । ଏହିଦିନ ଖାତାକୁ ଆସିବ ଟଙ୍କା । ଏକାଥରେ କୋଟିଏ ଲୋକଙ୍କ ଖାତାକୁ ଟଙ୍କା ପଠାଇବେ ସରକାର । ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ ମିଳିବ ସୁଭଦ୍ରାର ଚତୁର୍ଥ କିସ୍ତି । କୋଟିଏ ମହିଳାଙ୍କ ଖାତାକୁ ଏକାଥରେ ୫ ହଜାର ଲେଖାଏଁ ଟଙ୍କା ପଠାଇବେ ରାଜ୍ୟ ସରକାର । ଏନେଇ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ।

## ନୂଆଦିଲ୍ଲୀରେ ଏଆଇ ମହାକୁମ୍ଭକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୧୬।୨

ଭାରତ ମଣ୍ଡପମ୍‌ରେ ଆୟୋଜିତ ବିଶ୍ୱର ସର୍ବବୃହତ୍ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ'କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି । ସେ ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରି ଏକ୍ସପୋରେ ଭାଗ ନେଇଥିବା ଷ୍ଟାର୍ଟଅପଗୁଡ଼ିକ ସହ ଆଲୋଚନା କରିଛନ୍ତି । ଚଳିତ ମାସ ୨୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଅଷ୍ଟ୍ରେଲିଆ, ଜାପାନ, ଋଷ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଓ ଇଟାଲୀ ଭଳି ୧୩ଟି ଦେଶ ସେମାନଙ୍କ ସ୍ୱତନ୍ତ୍ର ପାଭିଲିୟନ ସ୍ଥାପନ କରିଛନ୍ତି । ଅନ୍ୟ ପକ୍ଷରେ ୬୦୦ଟି ଷ୍ଟାର୍ଟଅପ୍ ମଧ ସେମାନଙ୍କ ଅଭିନବ ଏଆଇ



ଚିନ୍ତାଧାରାକୁ ଉପସ୍ଥାପନ କରିଛନ୍ତି । ମଙ୍ଗଳବାର ସମ୍ମିଳନୀ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲାରହିବ । ତିନିଟି ସ୍ତମ୍ଭ ଜନତା, ଗ୍ରହ ଓ *(ପୃଷ୍ଠା ୭ରେ)*

## ଷଷ୍ଠ ପିଢ଼ିର ଇଞ୍ଜିନ ଟେକ୍ନୋଲୋଜି ବିକଶିତ କରିବାକୁ ଆହ୍ୱାନ କଲେ ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ, ୧୬।୨

ଭାରତରେ ଏପର୍ଯ୍ୟନ୍ତ ଫାଇଟର ଜେଟ୍‌ର ଇଞ୍ଜିନ୍ ତିଆରି ପାଇଁ ଯୋଜନା ସଫଳ ଭାବେ ଆଗକୁ ବଢ଼ିପାରିନଥିବା ପରିପ୍ରେକ୍ଷୀରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ସୋମବାର କହିଛନ୍ତି ଯେ ଆମକୁ ଭବିଷ୍ୟତ ଦିଗରେ ମଧ ଦୃଷ୍ଟି ଦେବାକୁ ହେବ । ଏବେ ଆମେ କେବଳ ୫ମ ପିଢ଼ିର ଇଞ୍ଜିନ୍ ପର୍ଯ୍ୟନ୍ତ ସୀମିତ ରହିପାରିବୁ ନାହିଁ, କାରଣ ଏହା ସମୟର ଆବଶ୍ୟକତା । ଷଷ୍ଠ ପିଢ଼ିର ଉନ୍ନତ ପ୍ରଯୁକ୍ତି ବିକାଶକୁ ସମ୍ଭବତଃ ଶୀଘ୍ର ଆରମ୍ଭ କରିବା ଦରକାର । ବିଶ୍ୱରେ ପ୍ରଯୁକ୍ତି ଦ୍ରୁତ ଭାବେ ପରିବର୍ତ୍ତିତ ହେଉଛି । ଆର୍ଟିଫିସିଆଲ୍



ଇଣ୍ଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ ଏବଂ ନୂତନ ପଦାର୍ଥର ବ୍ୟବହାର ବଢୁଛି । ଆମକୁ ଏହି କ୍ଷେତ୍ରରେ ଆଗରେ ରହିବାକୁ ହେବ । ପ୍ରତିରକ୍ଷାମନ୍ତ୍ରୀ ବେଙ୍ଗାଲୁରୁରେ ଗ୍ୟାସ ଟର୍ବାଇନ୍ ରିସର୍ଚ୍ଚ ଏଷ୍ଟାବ୍ଲିସମେଣ୍ଟର ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରିଛନ୍ତି । ସେ କହିଛନ୍ତି ଯେ ଆଗାମୀ ସମୟରେ ନାଗରିକ ଉନ୍ନୟନ କ୍ଷେତ୍ରର ବିସ୍ତାର ଆହୁରି ଦ୍ରୁତ ହେବ । ଭାରତ ଏହିପରି ସମୟରେ ବିଶ୍ୱର ସବୁଠୁ ଦ୍ରୁତ ବୃଦ୍ଧିଶୀଳ ବିମାନ *(ପୃଷ୍ଠା ୭ରେ)*

### ଆଜିର ମୁଖ୍ୟ ଖବର

- ସମଗ୍ର ରାଜ୍ୟରେ ସାଇବର ଅପରାଧ ବିରୋଧରେ କଡା ଅଭିଯାନ ଜୋରଦାର କରାଯାଇଛି ।
- ନବରଙ୍ଗପୁର ଗ୍ରାମରେ ଧର୍ମୀୟ ଉତ୍ତେଜନା ଦେଖାଦେଇଛି ।
- ଅନ୍ତର୍ଜାତୀୟ ସ୍ତରର କ୍ରୀଡା ପ୍ରତିଭା ଗଢି ତୋଳିବାକୁ ଆହ୍ୱାନ ଦିଆଯାଇଛି ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୬୪୪ (-୧୩୧)

୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୪୦ (-୧୨୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୩୩ (-୯୮)

### ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୬୫ (-୧୫)

## ପଶ୍ଚିମବଙ୍ଗର ୭ ଅଧିକାରୀଙ୍କୁ ନିଲମ୍ବିତ କଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ, ୧୬।୨

ଭାରତୀୟ ନିର୍ବାଚନ କମିଶନ ପଶ୍ଚିମବଙ୍ଗର ୭ ଜଣ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି । ଏହି ଅଧିକାରୀଙ୍କ ବିରୁଦ୍ଧରେ ଏସଆଇଆରରେ ଗୁରୁତର ଅବହେଳା, କର୍ତ୍ତବ୍ୟରେ ଅବହେଳା ଏବଂ କ୍ଷମତାର ଅପବ୍ୟବହାର ଅଭିଯୋଗ ହୋଇଥିଲା । ନିର୍ବାଚନ କମିଶନ ପଶ୍ଚିମବଙ୍ଗର ମୁଖ୍ୟ ସଚିବଙ୍କୁ ନିଲମ୍ବିତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ନିର୍ବାଚନ କମିଶନ କହିଛନ୍ତି ଯେ ଭୋଟର ତାଲିକା କାର୍ଯ୍ୟ ଅତ୍ୟନ୍ତ ସମ୍ବେଦନଶୀଳ । ଯେକୌଣସି ଅବହେଳା କିମ୍ବା କ୍ଷମତାର ଅପବ୍ୟବହାରକୁ ବରଦାସ୍ତ କରାଯିବ ନାହିଁ । ଭବିଷ୍ୟତରେ ଏପରି ଅବହେଳା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ନିଲମ୍ବିତ ଅଧିକାରୀମାନେ ହେଲେ ସହାୟକ ନିର୍ଦ୍ଦେଶକ ଡକ୍ଟର ସେଫୌର ରହମାନ ଯିଏକି ମୁର୍ଶିଦାବାଦ ଜିଲ୍ଲାର କୃଷି ବିଭାଗରେ କାର୍ଯ୍ୟ କରନ୍ତି । ନୀତିଶ ଦାସ- ରାଜସ୍ୱ ଅଧିକାରୀ, ଡାଲିଆ ରାୟ ଚୌଧୁରୀ- ମହିଳା ବିକାଶ ଅଧିକାରୀ, ସ୍କଟ.ମୁର୍ଶିଦ ଆଲମ- ସହାୟକ କୃଷି ନିର୍ଦ୍ଦେଶକ, ସତ୍ୟଜିତ ଦାସ- ଯୁଗ୍ମ ବିଡ଼ିଓ, କ୍ୟାନିଂ ପୂର୍ବ ବିଧାନସଭା ନିର୍ବାଚନମଣ୍ଡଳୀ, ଜୟଦୀପ କୁଣ୍ଡୁ-ଏଫଇଓ ଏବଂ ଏଇଆରଓ, ଦେବାଶିଷ ବିଶ୍ୱାସ- ଯୁଗ୍ମ ବିଡ଼ିଓ ଡେବ୍ରା ବିଧାନସଭା ନିର୍ବାଚନମଣ୍ଡଳୀ ।

## ଜାତୀୟ ରାଜପଥରେ ବଢ଼ିପାରେ ଟୋଲ୍ ଟ୍ୟାକ୍ସ

ନୂଆଦିଲ୍ଲୀ, ୧୬।୨

ଭାରତରେ ଆଗକୁ ବଢିପାରେ ଟୋଲ୍ ଟ୍ୟାକ୍ସ । ଦେଶରେ ଏକ୍ସପ୍ରେସ-ୱେ ଏବଂ ହାଇ-ସ୍ପିଡ୍ ରୋଡ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି । ଗତ ଏକ ଦଶନ୍ଧି ଧରି ରାଜପଥ ନିର୍ମାଣ କ୍ଷେତ୍ରରୁ ଦୂରେଇ ରହିଥିବା ଘରୋଇ ପୁଞ୍ଜିନିବେଶକାରୀଙ୍କୁ ପୁଣିଥରେ ଆକୃଷ୍ଟ କରିବା ପାଇଁ ସରକାର ନୂଆ ନିୟମ ପ୍ରଣୟନ କରୁଛନ୍ତି । ଏହି ପଦକ୍ଷେପ ଦ୍ୱାରା ଆଗାମୀ ଦିନରେ ଟୋଲ୍ ଟ୍ୟାକ୍ସ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ଘରୋଇ କ୍ଷେତ୍ର ମାଧ୍ୟମରେ ୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ହାଇୱେ ନିର୍ମାଣରେ



ଘରୋଇ ନିବେଶ ମାତ୍ର କିଛି ପ୍ରତିଶତ ରହିଥିବା ବେଳେ, ଆସନ୍ତା ବର୍ଷ ସୁଦ୍ଧା ଏହାକୁ ୨୫% କୁ ବୃଦ୍ଧି କରିବାକୁ ମୋଦୀ ସରକାର ଲକ୍ଷ୍ୟ ରଖିଛନ୍ତି ।

ପୂର୍ବରୁ ପ୍ରଚଳିତ ବିଲ୍ଡ ଅପରେଟ୍ ଟ୍ରାନ୍ସଫର (ବିଓଟି) ମଡେଲକୁ ପୁଣିଥରେ ସକ୍ରିୟ କରାଯାଉଛି । ଯେଉଁଠାରେ ନିବେଶକାରୀମାନେ ଟୋଲ୍ ସଂଗ୍ରହ ମାଧ୍ୟମରେ ନିଜର ଖର୍ଚ୍ଚ ଭରଣା କରିପାରିବେ ।

ପୂର୍ବରୁ ବ୍ୟୁରୋକ୍ରାଟିକ୍ ବିଳମ୍ବ ଏବଂ ରାଜସ୍ୱ ହାନି ଭୟରେ ପୁଞ୍ଜିନିବେଶକାରୀମାନେ ପଛଘୁଞ୍ଚା ଦେଉଥିଲେ । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ବଜେଟରେ *(ପୃଷ୍ଠା ୭ରେ)*

## ଅଗ୍ନିକାଣ୍ଡରେ ୮ ଶ୍ରମିକ ଜୀବନ୍ତ ଦଗ୍ଧ

ଭିୱାଡି, ୧୬।୨

ରାଜସ୍ଥାନର ଭିୱାଡିରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ରିପୋର୍ଟ ଅନୁସାରେ, ଭିୱାଡିର ଏକ ରାସାୟନିକ କାରଖାନାରେ ଅଗ୍ନିକାଣ୍ଡ ଘଟିବାରୁ ଏଯାବତ ୮ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି, କିନ୍ତୁ ଦୁଇଜଣ ଶ୍ରମିକ ଏବେ ବି ଭିତରେ ଫସି ରହିଛନ୍ତି । ଘଟଣା ସମୟରେ କାରଖାନାରେ ପ୍ରାୟ ୨୫ ଜଣ ଶ୍ରମିକ କାମ କରୁଥିଲେ । ସୋମବାର ସକାଳ ପ୍ରାୟ ୯:୩୦ ସମୟରେ ଖୁସଖେଡା କରାଉଲି ଶିଳ୍ପାଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା ।

ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ସୂଚନା ଦେଇ ଏଡିଏମ୍ ସୁମିତା ମିଶ୍ର କହିଛନ୍ତି ଯେ ପାଟ୍ରୋଲିଂ ସମୟରେ *(ପୃଷ୍ଠା ୭ରେ)*

### ଏକାଳ ପଖାଳ




ଟଙ୍କା ପଇସା ଭିକ ମଗାଉଛି
ଟିଭି ପାରିଲେନି ଭାଙ୍ଗି
ନଖାଇ ରୁଟି ଫୋପାଡି ହେଲାନି
ଦାନାପାଣି ରେଟ୍ ଦିଏ ଟାଙ୍ଗି
ପାକ୍ ଟେରେଇ ରହିଛି ତୁଙ୍ଗି
ଆମ ଟୋକା ଏମିତି କାଟିଲେ
ଘୋଡେଇ ହେଲେବି ପାଉନି ଲୁଙ୍ଗି ।

## ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ସ୍ଥାପନକୁ ସୁପ୍ରିମକୋର୍ଟଙ୍କ ତୀବ୍ର ଭର୍ତ୍ସନା



ନୂଆଦିଲ୍ଲୀ, ୧୬।୨

ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ସମ୍ବନ୍ଧୀୟ ଏକ ମାମଲାରେ ଜାମିନ ଆବେଦନର ଶୁଣାଣି ସମୟରେ ସୁପ୍ରିମକୋର୍ଟ ସୋମବାର ବିବାହ ପୂର୍ବ ସମ୍ପର୍କ ଉପରେ ତୀବ୍ର ମୌଖିକ ପ୍ରତିକ୍ରିୟା ରଖିଛନ୍ତି । ଜଷ୍ଟିସ ନାଗରତ୍ନା ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ମହିଳାଙ୍କ ସହିତ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ କରିଥିବା ଏବଂ ପରେ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିବା ଅଭିଯୋଗରେ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି କରୁଥିଲେ । ଏହି ମାମଲାର ଶୁଣାଣି କରି ଜଷ୍ଟିସ ନାଗରତ୍ନା କହିଛନ୍ତି, ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ସ୍ଥାପନ କରିବା ନେଇ ସତର୍କତା ଅବଲମ୍ବନ କରାଯିବା କଥା । ହୁଏତ ଆମେ ପୁରୁଣାକାଳିଆ ହୋଇଥାଇ ପାରୁ, କିନ୍ତୁ ବିବାହ ପୂର୍ବରୁ, ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ପରସ୍ପର ପାଇଁ ଅପରିଚିତ ଥିବାବେଳେ ସେମାନଙ୍କ ସମ୍ପର୍କର ଆଧାର କ'ଣ ରହିଛି । ବିବାହ ପୂର୍ବରୁ ସେମାନେ କିପରି ଶାରୀରିକ ସମ୍ପର୍କରେ ରହିପାରିବେ ଆମେ ବୁଝିପାରୁନାହୁଁ । ବିବାହ ପୂର୍ବରୁ କେହି କାହାକୁ ବିଶ୍ୱାସ କରନ୍ତି ନାହିଁ । ସେଥିପାଇଁ ତୁମକୁ ଯତ୍ନବାନ *(ପୃଷ୍ଠା ୭ରେ)*

## ଆଜି ସିବିଏସ୍‌ଇ ଦଶମ-ଦ୍ୱାଦଶ ପରୀକ୍ଷା

### ଦଶମରେ ବୋର୍ଡ ପରୀକ୍ଷା ବାଧ୍ୟତାମୂଳକ

ଭୁବନେଶ୍ୱର, ୧୬।୨

ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ୨୦୨୬ ରୁ ଦଶମ ଶ୍ରେଣୀ ପାଇଁ କାର୍ଯ୍ୟକାରୀ ହେଉଥିବା ଦୁଇ-ବୋର୍ଡ ପରୀକ୍ଷା ବ୍ୟବସ୍ଥା ସମ୍ପର୍କରେ ଏକ ବିସ୍ତୃତ ସ୍ପଷ୍ଟୀକରଣ ଜାରି କରିଛି, ଯେଉଁଥିରେ କୁହାଯାଇଛି ଯେ ପ୍ରଥମ ବୋର୍ଡ ପରୀକ୍ଷାରେ ଯୋଗଦେବା ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ ହେବ ଏବଂ କୌଣସି ପରିସ୍ଥିତିରେ ଏହାକୁ ଛାଡି ଦିଆଯାଇପାରିବ ନାହିଁ ।

ସିବିଏସ୍‌ଇର ବିଜ୍ଞପ୍ତି ଅନୁଯାୟୀ ପ୍ରଥମ ବୋର୍ଡ ପରୀକ୍ଷାରେ ଯୋଗଦେବା ସମସ୍ତ



ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ । ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଏବଂ ଭାଷାରୁ ସର୍ବାଧିକ ତିନୋଟି ବିଷୟରେ ସେମାନଙ୍କର ସ୍କୋର ଉନ୍ନତ କରିବା ପାଇଁ ଦ୍ୱିତୀୟ ପରୀକ୍ଷାରେ ଯୋଗ ଦେଇପାରିବେ । ଯଦି କୌଣସି ଛାତ୍ର ପ୍ରଥମ ପରୀକ୍ଷାରେ ତିନୋଟି କିମ୍ବା *(ପୃଷ୍ଠା ୭ରେ)*





## ଦିନିକିଆ ଷ୍ଟେକହୋଲ୍ଡର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍-୨୦୨୬ ଉଦଯାପିତ

# ଏସପି ଏକାଦଶ ବିଜୟୀ, ଟିକିରି ରେଳବାଇ ଟିମ ରନର୍ସଅପ୍

**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସ୍ଥାନୀୟ ଓଷାପଡ଼ା ଟାଉନସିପ ଖେଳ ପଡ଼ିଆ ଠାରେ ଦିନିକିଆ ଦିବାରାତ୍ର ବନ୍ଧୁତ୍ୱପୂର୍ଣ୍ଣ ଷ୍ଟେକହୋଲ୍ଡର କ୍ରିକେଟ୍ ମ୍ୟାଚ୍ -୨୦୨୬ ଉଦଯାପିତ ହୋଇଯାଇଛି। ଉକ୍ତ କ୍ରିକେଟ୍ ପ୍ରତିଯୋଗିତାରେ ଛଅ ଗୋଟି ଦଳ ଅଂଶଗରହଣ କରିଥିଲେ। ରାୟଗଡ଼ା ଜିଲ୍ଲା ପ୍ରଶାସନ ଏକାଦଶ, ଏସପି ଏକାଦଶ, ବିଶାଖାପାଟଣା ରେଳବାଇ ଏକାଦଶ, ଟିକିରି ରେଳବାଇ ଏକାଦଶ, ସିଆରପିଏଫ୍ ଚତୁର୍ଥ ବାଟାଲିୟନ ଏକାଦଶ ଓ ଆୟୋଜକ ହିଣ୍ଡାଲକୋ ଟିମ୍ ଏକାଦଶ ପ୍ରତିଯଗିତାରେ ଅଂଶଗ୍ରହଣ କରିଥିଲେ। ମ୍ୟାଚ୍ ପ୍ରାରମ୍ଭରେ ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର ଯୋଗଦେଇ ଖେଳାଳିଙ୍କ ଉତ୍ସାହ ବଢାଇବା ସହ ଖେଳାଳୀ ମନୋଭାବ ପ୍ରଦର୍ଶନ କରି ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ଲିଗ୍ ପର୍ଯ୍ୟାୟରେ ତିନୋଟି ମ୍ୟାଚ୍ ଖେଳା ଯାଇଥିବା ସ୍ଥଳେ ଟିକିରି ରେଳବାଇ ଏକାଦଶ ବିଶାଖାପାଟଣା ଏକାଦଶକୁ ହରାଇ ସିଧାସଳଖ ଫାଇନାଲ ମ୍ୟାଚକୁ ଉନ୍ନୀତ ହୋଇଥିବା ବେଳେ ଲିଗ୍ ମ୍ୟାଚ୍ ବିଜୟୀ ହୋଇ ଏସପି ଏକାଦଶ ଓ ହିଣ୍ଡାଲକୋ ଏକାଦଶ ନିର୍ଣ୍ଣାୟକ ସେମିଫାଇନାଲରେ ପହଞ୍ଚିଥିଲେ। ଏକ ରୋମାଞ୍ଚକ ମ୍ୟାଚରେ ଏସପି ଏକାଦଶ ହିଣ୍ଡାଲକୋ ଏକାଦଶକୁ ହରାଇ ଫାଇନାଲ ମ୍ୟାଚ ପାଇଁ ଟିକେଟ ହାସଲ କରିଥିଲା। ତେବେ ଫାଇନାଲ ମ୍ୟାଚରେ ଟିକିରି ରେଳବାଇ ଏକାଦଶ ଲିଗ୍ ପର୍ଯ୍ୟାୟରେ ଉତ୍ତମ ରନରେଟ ହାସଲ କରିଥିବାରୁ ପୂର୍ବରୁ ଫାଇନାଲ ମ୍ୟାଚ ପାଇଁ ଯୋଗ୍ୟ ହୋଇଥିବା ବେଳେ ସିଧାସଳଖ ଏସପି ଏକାଦଶ ସହ ମ୍ୟାଚ୍ ଖେଳାଯାଇଥିଲା। ଅତ୍ୟନ୍ତ ରୋମାଞ୍ଚକର ଏହି ମ୍ୟାଚରେ ଏସପି ଏକାଦଶ ଟସ୍ ବିଜୟୀ ହୋଇ ବଲିଂ ନିଷ୍ପତି ନେଇଥିବା ବେଳେ ୯ ଓଭରରେ ସମସ୍ତ ବ୍ୟାଟ୍ସମ୍ୟାନ୍ ହରାଇ ଟିକିରି ରେଳବାଇ ଟିମ ସଙ୍ଘର୍ଷପୂର୍ଣ୍ଣ ୪୪ ରନ୍ ହାସଲ କରିଥିଲା। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାଟିଂ କରିବାକୁ ଆସିଥିବା ଏସପି ଏକାଦଶ ଟିମ୍ ସହଜରେ ତିନୋଟି ୱିକେଟ୍ ହରାଇ ଏହି ଲକ୍ଷ ହାସଲ କରିଥିଲା। ଏସପି ଏକାଦଶ ଟିମ ବନ୍ଧୁତାପୂର୍ଣ୍ଣ ଷ୍ଟେକହୋଲ୍ଡର ମ୍ୟାଚ୍ -୨୦୨୬ ଟାଇଟଲ ବିଜୟୀ ପରେ ଅତିଥି ଭାବେ ଯୋଗଦେଇଥିବା ଉପଜିଲ୍ଲାପଳ ରମେଶ କୁମାର ଜେନାଙ୍କ ସମେତ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର, ଆଦିତ୍ୟ ରିଫାଇନେରି ପ୍ରକଳ୍ପ ମୁଖ୍ୟ ମଝର୍ ବେଗଙ୍କ ଦ୍ୱାରା ବିଜୟୀ ଟିମକୁ ଟ୍ରଫି ଓ ମେଡାଲ ପ୍ରଦାନ କରାଯାଇଥିଲା। ସେହିପରି ରନର୍ଷଅପ୍ ଟିକିରି ରେଳବାଇ ଏକାଦଶ ଦଳକୁ ଡେପୁଟି କଲେକ୍ଟର କୈଳାଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଶ୍ରୀ ମିଶ୍ର ଓ ଶ୍ରୀ ବେଗଙ୍କ ଦ୍ୱାରା ଟ୍ରଫି ଓ ମେଡାଲ ପ୍ରଦାନ କରାଯାଇଥିଲା। ତେବେ ମ୍ୟାଚର ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଅନୁରୂପ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମସ୍ତ ମ୍ୟାଚରେ ଶ୍ରେଷ୍ଠ ବୋଲର ଭାବେ ରମାକାନ୍ତଙ୍କୁ ସ୍ମାରକ ପ୍ରଦାନ କରାଯାଇଥିବାବେଳେ ଶ୍ରେଷ୍ଠ କ୍ୟାଚ ନେଇଥିବାରୁ ସିକନ୍ଦର ଓ ୱିକେଟ୍ କିପିଂ ପାଇଁ ଶୁଭଙ୍କରଙ୍କ ସମେତ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଏନ ସତପଥୀ, ମୋହନ, ଆକାଶଙ୍କୁ ସ୍ମାରକୀ ଓ ମେଡାଲ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତା ଲୋକ ସମ୍ପର୍କ ବିଭାଗ ତଥା କର୍ପୋରେଟ ଆଫେୟର ଜିଏମ୍ ପିତାମ୍ବର ବେହେରାଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଆୟୋଜକ କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ଏତତ୍ ବ୍ୟତୀତ ପ୍ରଶାସନ ବିଭାଗର ପ୍ରବନ୍ଧକ ଭୋଜ ରାଜ୍ ଦାସ ସାଜସଜ୍ଜା ଓ ଉତ୍ତମ ଖାଦ୍ୟପେୟ ଯୋଗାଇଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବେ ସିଆରପିଏଫ୍ ଚତୁର୍ଥ ବାଟାଲିୟନ କମାଣ୍ଡାନ୍ଟ ଫିରୋଜ୍ କୁଜରୁ, ଏଲ୍ଟି କମାଣ୍ଡାନ୍ଟ ସଂଜୟ ରାଉତଙ୍କ ସମେତ ଦୋରାଗୁଡ଼ା ଥାନା ଅଧିକାରୀ କିରଣ ବାଳା ସାମଲ, ରିଜର୍ଭ ପୁଲିସ ଇନ୍ସପେକ୍ଟର କବିବର ଦେହୁରିଙ୍କ ସମେତ ଉତ୍କଳ ଆଲୁମିନା ଓ ଆଦିତ୍ୟ ରିଫାଇନେରୀର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



## ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରସୁଲପୁର ବ୍ଲକ ଅନ୍ତର୍ଗତ ଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟ କୁଣ୍ଡପାଟଣା ଓ ପଞ୍ଚାୟତ କାର୍ଯ୍ୟାଳୟରେ ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ଜିଲ୍ଲା ସ୍ତରୀୟ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ୨୦୨୬ ର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଫେବୃଆରୀ ୧୦ ରୁ ୧୯ ତାରିଖ ଯାଏଁ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକର ଜନସାଧାରଣ ଶତ ପ୍ରତିଶତ ଅଂଶ ଗ୍ରହଣ କରି ଔଷଧ ସେବନ କରିବାକୁ ଜିଲ୍ଲାପାଳ ଶ୍ରୀ କର ଅନୁରୋଧ କରିବା ସହ ଯାଜପୁର ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଔଷଧ ସେବନର ଉପକାରିତା ସମ୍ପର୍କରେ ଆଲୋକପାତ କରିବା ସହ ଜାତୀୟ କୃମି ନାଶକ ଦିବସ ଉପଲକ୍ଷେ ଔଷଧ ସେବନ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଦିଲ୍ଲୀରୁ ଆସିଥିବା ଡ଼ା. ରନପାଲ ସିଂ ଓଡ଼ିଶାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ଅନ୍ୟ ରାଜ୍ୟ ଅନୁସରଣ କରିବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ରସୁଲପୁର ବିଡିଓ, ମଣ୍ଡଳ ଶିକ୍ଷା ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ପଞ୍ଚାୟତର ସଦସ୍ୟ ଓ ସଦସ୍ୟା, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ଯୋଗ ଦେଇଥିଲେ। ରସୁଲପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବିଧାନର ବିଜୟ, ପୋଲିସର ପରାଜୟ, ହାଇକୋର୍ଟରେ ଚମକିଲେ ଧାମନଗରର ପୁଅ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ପୋଲିସର ମନମୁଖୀ କାର୍ଯ୍ୟାନୁଷ୍ଠାନ ଓ ଗିରଫ ପ୍ରକ୍ରିୟାରେ ଥିବା ଗୁରୁତର ତ୍ରୁଟିକୁ ନେଇ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଜଣେ ଅଭିଯୁକ୍ତଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେଇ କୋର୍ଟ ଜାମିନ ପ୍ରଦାନ କରିଥିବା ବେଳେ, ଏହି ମାମଲାକୁ ସଫଳତାର ସହ ପରିଚାଳନା କରି ଧାମନଗର ର ଯୁବ ଆଇନଜୀବୀ ସତ୍ୟନାରାୟଣ ମିଶ୍ର ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନାରେ ରୁଜୁ ହୋଇଥିବା ଅପହରଣ ଓ ଦୁଷ୍କର୍ମ ଭଳି ଏକ ସଙ୍ଗୀନ ମାମଲାରେ ପୋଲିସ ଦୁଷ୍ମନ୍ତ ଶବର ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଏହି ଗିରଫ ପ୍ରକ୍ରିୟାରେ ଆଇନର ଉଲ୍ଲଂଘନ ହୋଇଥିବା ଦର୍ଶାଇ ଆଇନଜୀବୀ ସତ୍ୟନାରାୟଣ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।ଜଷ୍ଟିସ ଗୌରୀଶଙ୍କର ଶତପଥୀଙ୍କ ଅଦାଲତରେ ମାମଲାର ଶୁଣାଣି ବେଳେ ସତ୍ୟନାରାୟଣ ମିଶ୍ର ନିଜର ବଳିଷ୍ଠ ଯୁକ୍ତି ରଖିଥିଲେ। ସେ ଦର୍ଶାଇଥିଲେ ଯେ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨(୧) ଏବଂ ବିଏନଏସଏସ ର ଧାରା ୪୭ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସମୟରେ ତାର କାରଣ ଲିଖିତ ଭାବେ ଜଣାଇବା ବାଧ୍ୟତାମୂଳକ, ଯାହା ପୋଲିସ କରିନଥିଲା। ଗିରଫ ମେମୋରେ ଅଭିଯୁକ୍ତଙ୍କ ସ୍ୱାକ୍ଷରରେ ଅସଙ୍ଗତି ଥିବା ବେଳେ ତଦନ୍ତକାରୀ ଅଧିକାରୀଙ୍କ ସ୍ୱାକ୍ଷର ମଧ୍ୟ ନଥିଲା। ଶ୍ରୀ ମିଶ୍ରଙ୍କ ଏହି ତୀକ୍ଷ୍ଣ ଆଇନଗତ ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟ ଅଭିଯୁକ୍ତଙ୍କୁ ୨୫,୦୦୦ ଟଙ୍କାର ବେଲ ବଣ୍ଡରେ ଜାମିନ ମଞ୍ଜୁର କରିଛନ୍ତି। ଏହି ସଫଳତା ପରେ ଧାମନଗର ମାଟିର ପୁଅ ଆଇନିଜିବି ସତ୍ୟନାରାୟଣ ଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ଜଣେ ଆଇନଜୀବୀ ଭାବେ ରାଜ୍ୟର ସର୍ବୋଚ୍ଚ ନ୍ୟାୟାଳୟରେ ପୋଲିସର ବେଆଇନ କାର୍ଯ୍ୟାନୁଷ୍ଠାନ ବିରୋଧରେ ଲଢ଼ି ଜୟଯୁକ୍ତ ହେବା ତାଙ୍କର ଦକ୍ଷତା ଓ ନିଷ୍ଠାର ପରିଚୟ ଦେଇଛି। ଗିରଫ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସାମ୍ବିଧାନିକ ମର୍ଯ୍ୟାଦା ରକ୍ଷା କରିବା ପୋଲିସର ଦାୟିତ୍ୱ। ଏହି ରାୟ କେବଳ ଜଣେ ବ୍ୟକ୍ତିଙ୍କ ଜାମିନ ନୁହେଁ, ବରଂ ବ୍ୟକ୍ତିଗତ ସ୍ୱାଧୀନତାର ବିଜୟ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କୃଷି ଓ କୃଷକ କଲ୍ୟାଣ ସମ୍ପର୍କିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକ

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

- ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବୈଠକରେ ଜିଲ୍ଲା ସ୍ତରୀୟ ମନିଟରିଂ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ଖରିଫ ୨୦୨୫) ଏବଂ ଡିଜିଟାଲ କ୍ରପ୍ ସର୍ଭେ ଓ ଫାର୍ମର ରେଜିଷ୍ଟ୍ରି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଖରିଫ ୨୦୨୫ ପାଇଁ ଧାନ ଓ ଅଣଧାନ ଫସଲ କାଟିବା ପରୀକ୍ଷଣ ଏବଂ ଶରତ କାଳୀନ ଋତୁ ପାଇଁ ବିଏଲଟିସି ଦ୍ୱାରା ଅନୁମୋଦିତ ଚାଷ ଜମିର କ୍ଷେତ୍ରଫଳକୁ ଅନୁମୋଦନ କରାଯାଇଥିଲା। ଏହାବ୍ୟତୀତ ଡିଜିଟାଲ କ୍ରପ୍ ସର୍ଭେର ଗୁଣବତା ଓ ଦୈନିକ ଅଗ୍ରଗତିର ସମୀକ୍ଷା କରିବା ସହ ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ନିୟମିତ ଭାବେ ବ୍ଲକ୍ ସ୍ତରୀୟ କମିଟି ବୈଠକ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟ ଏକ ବୈଠକରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସଫଳ ରୂପାୟନ ନେଇ ଜିଲ୍ଲା ସ୍ତରୀୟ କମିଟିରେ ପର୍ଯ୍ୟାଲୋଚନା କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦଙ୍କ ସମେତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ ଏବଂ ଏପିକଲ୍ର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଯୋଜନା ଅଧୀନରେ ଆସିଥିବା ମୋଟ ୬ଟି ପ୍ରକଳ୍ପକୁ ଜିଲ୍ଲାପାଳ ଯାଂଚ କରି କାର୍ଯ୍ୟକ୍ଷମ କରିବା ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି। ଜିଲ୍ଲାର କୃଷକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ କୃଷି ଭିତିକ ସେକ୍ଟରରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଏବଂ କୃଷି ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

# ବରୀରେ ଯୁଗ୍ମ ଅଭିଯୋଗ ଶୁଣାଣି : ୯୩ ମାମଲା

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**



ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୯୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୪ ଗୋଟି ରେଡ୍ କ୍ରସ୍ ପାଣ୍ଠି ରୁ ୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ପ୍ରଶାନ୍ତ କୁମାର ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବରୀ ଅସିତ୍ କୁମାର ମହାନ୍ତି, ତହସିଲଦାର, ବରୀ, ଦିପ୍ତିମୟୀ ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଝାରସୁଗୁଡ଼ା ଜିଲ୍ଲାରେ ବିକାଶର ନୂଆ ରୋଡମ୍ୟାପ୍; ଉଚ୍ଚ-ପ୍ରାଥମିକତା ସମ୍ପନ୍ନ ପ୍ରକଳ୍ପ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ଡେଡ୍‌ଲାଇନ୍

**ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ**

ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ ଫେବୃଆରୀ ୨୦୨୬ରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉଚ୍ଚସ୍ତରୀୟ ଆଭାସୀ ସମୀକ୍ଷା ବୈଠକ ପୂର୍ବରୁ ଜିଲ୍ଲା ଯୋଜନା ଓ ସମୀକ୍ଷା ୟୁନିଟ୍ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଏବଂ ମୁଖ୍ୟ ଶାସନ ସଚିବଙ୍କ ଦକ୍ଷ ମାର୍ଗଦର୍ଶନରେ 'ସମୃଦ୍ଧ ଓଡ଼ିଶା ୨୦୩୬ ର ଦୂରଦୃଷ୍ଟିସମ୍ପନ୍ନ ଲକ୍ଷ୍ୟ ହାସଲ କରିବା ଏହି ବୈଠକର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ, ବିମାନବନ୍ଦର, କ୍ରୀଡ଼ା, ସଡ଼କ ଭିତିଭୂମି ଏବଂ ଜଳସେଚନ ଭଳି ପ୍ରମୁଖ କ୍ଷେତ୍ରରୁ ୨୫ଟି ଉଚ୍ଚ-ପ୍ରାଥମିକତା ବିଶିଷ୍ଟ ପ୍ରକଳ୍ପ ଚିହ୍ନଟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ପ୍ରକଳ୍ପକୁ ଧାର୍ଯ୍ୟସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଏକ ସ୍ୱଷ୍ଟ ରଣନୀତି ପ୍ରସ୍ତୁତ କରିବା ସହ ଏହାର ନିୟମିତ ସମୀକ୍ଷା କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସାମାଜିକ ବିକାଶ କ୍ଷେତ୍ରରେ ସ୍ୱାସ୍ଥ୍ୟସେବା, ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ, ଟି.ଭି ନିରାକରଣ ଅଭିଯାନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଏବଂ ଖାଲଖମା ମୁକ୍ତ ରାସ୍ତା ନିର୍ମାଣ ଉପରେ ସେ ସ୍ୱତନ୍ତ୍ର ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ସମସ୍ତ ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ କହିଛନ୍ତି । ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲାର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ରହିଥିଲେ।

## ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ପୁଲୱାମା ସହିଦଙ୍କୁ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଶନିବାର କଚେରୀ ଛକ ସ୍ଥିତ ସହିଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ୨୦୧୯ ମସିହା ଫେବୃଆରୀ ୧୪ ତାରିଖରେ ପୁଲୱାମାରେ ହୋଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣର ବାର୍ଷିକୀ ଘଟଣାକୁ କଳା ଦିବସ ଭାବେ ପାଳନ କରାଯିବା ସହ ସହିଦ ମାନଙ୍କ ସ୍ମୃତିରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ପଶ୍ଚିମାଂଚଳ ଏକତା ମଂଚର ରାଜେଶ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦସ୍ୟା ସଦସ୍ୟଙ୍କ ସହ ସମ୍ବଲପୁରୀ ଡେରାରେ ନିଶୁଳ୍କ ସମ୍ବଲପୁରୀ ନୃତ୍ୟ ଶିକ୍ଷା କରୁଥିବା ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ । ଏହି ଅବସରରେ ୨୦୧୯ରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ସହିଦ ହୋଇଥିବା ୪୦ ଜଣ ସୈନିକଙ୍କ ବଳିଦାନକୁ ମନେ ପକାଯାଇ ସମସ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ କନ୍ତୋ ମେହେର, ଲଳିତା ଭୋଇ, ସୁଦାମ ମେହେର, ମୀନା ନାଏକ, ରାହୁଲ ଗୁପ୍ତା, ଅମିତ ଦାସ, ରବି ନାରାୟଣ ପଣ୍ଡା, ଆବାହକ ଭବାନୀଶ ଭୋଇ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

## କେନ୍ଦୁଝରରେ ଦ୍ୱିତୀୟ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଅନୁଷ୍ଠିତ: ନିଯୁକ୍ତି ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ ୨୦୨୫-୨୬ ଆର୍ଥିକ ବର୍ଷର ଦ୍ୱିତୀୟ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମୁଖ୍ୟତଃ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। 'ନୂଆ ଓଡ଼ିଶା' ଓ ପ୍ଲେସମେଣ୍ଟ ଲିଙ୍କଡ୍ ଟ୍ରେନିଂ ପ୍ରୋଗ୍ରାମ୍ କାର୍ଯ୍ୟକ୍ରମ ଜରିଆରେ ଜିଲ୍ଲାର ୧୩ଟି ବ୍ଲକରେ ଚାଲୁଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଏହାର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା-୨୦୨୫-୨୬ ଓ.ଏସ.ଏମ.ଇ କ୍ୟାମ୍ପସରେ ଏକ ବିଶାଳ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ପ୍ରାୟ ୬୦ ଜଣ ସିଧାସଳଖ ନିଯୁକ୍ତିଦାତା ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆପୋଲୋ ମେଡସ୍କିଲ୍ସ ଜରିଆରେ ତାଲିମ ଜିଲ୍ଲାର ୬୦୦ ଯୁବକଯୁବତୀଙ୍କୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ କରାଯିବ। ଡିଏମଏଫ ସହାୟତାରେ ସି.ଟି.ଟି.ସି, ସିପେଟ ଏବଂ ଆଇ.ଏଚ.ଏମ ଭଳି ପ୍ରତିଷ୍ଠାନ ମାଧ୍ୟମରେ ଚାଲୁଥିବା ତାଲିମ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ପଛୁଆ ବର୍ଗ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ପି.ଭି.ଟିଜି ଗୋଷ୍ଠୀ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତା ବିକାଶ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ମଡେଲ କ୍ୟାରିୟର ସେଣ୍ଟର ର କାର୍ଯ୍ୟକାରିତା, ତେଲକୋଇଠାରେ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ ଏବଂ ଜିଲ୍ଲାରେ ୫ଟି ନୂତନ ସରକାରୀ ଆଇଟିଆଇ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। ଏଥିସହିତ ବିଭିନ୍ନ ବ୍ଲକରେ ସଚେତନତା ଶିବିର ଆୟୋଜନ କରି ପ୍ରତି ବ୍ଲକରୁ ୧୫୦ ଜଣ ପ୍ରାର୍ଥୀଙ୍କୁ ଚୟନ କରିବା ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲ୍ଲାପାଳଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲାର ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ଶିଳ୍ପ ସଂସ୍ଥାର ପ୍ରତିନିଧି ଏବଂ ତାଲିମ ପ୍ରଦାନକାରୀ ସଂସ୍ଥାର ମୁଖ୍ୟମାନେ ଉପସ୍ଥିତ ଥିଲେ।

## ବାରଙ୍ଗରେ ୧୩୨ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବାରଙ୍ଗ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୧୬ ଜଣ ଭିନ୍ନକ୍ଷମ ମହିଳା ଓ ପୁରୁଷ ଯୋଗଦେଇ ନାମ ପଞ୍ଜିକରଣ କରିଥିଲେ। ୧୮୨ ଜଣ ଡାକ୍ତର ପରାମର୍ଶ କରିଥିଲେ। ସେମାନଙ୍କ ମଧ୍ୟରୁ ୧୩୨ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ୫୦ ଜଣଙ୍କୁ ଏସସିବି ମେଡ଼ିକାଲ ରେଫରାଲ ଦିଆଯାଇଥିଲା। ୧୫ ଜଣଙ୍କୁ ବସ ପାସ ପ୍ରଦାନ କରାଯାଇଥିଲା। ୫୨ ଜଣଙ୍କୁ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ୧୮ ଜଣଙ୍କୁ ଏସଆଇଇପି କାଉନସେଲିଂ କରାଯାଇଥିଲା। ଅନ୍ୟ ଭିନ୍ନକ୍ଷମ ମାନଙ୍କୁ ତୁରନ୍ତ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ବିଭାଗରୁ ଡାକ୍ତର ମାନେ ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କୁ ଚିକିତ୍ସା ସହ ସେବା ଯୋଗାଇ ଦେଇଥିଲେ। ଏହି ଶିବିରରେ ବାରଙ୍ଗ ବ୍ଲକ ବିଡ଼ିଓ ସ୍ୱାଗତ ଦାସ, ଏଇଇ ଆଦିତ୍ୟ ନାରାୟଣ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତାରାଣୀ ସାହୁ ଏବଂ ବ୍ଲକ ସାମାଜିକ ସୁରକ୍ଷା ବିଭାଗର କାର୍ଯ୍ୟକ୍ରମ ସହାୟକ ସାରଦା ପ୍ରସନ୍ନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ-୨

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ-୨୦୨୬ ଦୁଇଦିନ ବ୍ୟାପି କାର୍ଯ୍ୟକ୍ରମ ଭାବେ ସହର ନିକଟସ୍ଥ ପଦ୍ମାବତୀ ଏମ୍ୟୁଜମେଣ୍ଟ ପାର୍କ ରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ତାରିଖ ୧୦.୦୨.୨୦୨୬ ରୁ ୧୧.୦୨.୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ବାଲେଶ୍ୱର ଡ଼ା. ବସନ୍ତ କୁମାର ନାୟକଙ୍କ ଆବାହାନାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ସଭାପତିତ୍ୱ କରିଥିଲେ। ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାଶ ଓ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଏମ୍ ଶ୍ରୀ ବିଦ୍ୟାଳୟର ଲକ୍ଷ୍ୟ, ଦୃଷ୍ଟିକୋଣ ଓ ଶିକ୍ଷାରେ ତାହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଦିବସ ବ୍ୟାପି କାର୍ଯ୍ୟକ୍ରମରେ ଜିଲ୍ଲାର ୧୮ଟି ପିଏମ୍ ଶ୍ରୀ ବିଦ୍ୟାଳୟରୁ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ୧୫୦ରୁ ଅଧିକ ଗାଇଡ୍ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ବିଭାଗ ଭିତ୍ତିକ ଆକର୍ଷଣୀୟ ଷ୍ଟଲ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଭିଜ୍ଞ ବିଚାରକମଣ୍ଡଳୀ ଦ୍ୱାରା ଷ୍ଟଲ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମୂଲ୍ୟାୟନ କରାଯାଇଥିଲା। ଆସନ୍ତାକାଲି ଉଦଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସୁଚାରୁ ଭାବେ ପରିଚାଳନା କରିଥିଲେ। ପି ଏମ ଶ୍ରୀ ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଆଧୁନିକ, ମୂଲ୍ୟଭିତ୍ତିକ ଓ ସାର୍ବାଙ୍ଗୀନ ଶିକ୍ଷା ପ୍ରଣାଳୀ ଗଢ଼ି ତୋଳିବା। ଏହି ଯୋଜନା ମାଧ୍ୟମରେ ବିଦ୍ୟାଳୟଗୁଡ଼ିକ କେବଳ ପାଠଶାଳା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ିବାର କେନ୍ଦ୍ର ରୂପେ ବିକଶିତ ହେବେ। ଏହା ମାଧ୍ୟମରେ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଶିକ୍ଷା, ଆଧୁନିକ ପ୍ରୟୋଗଶାଳା, ପୁସ୍ତକାଳୟ, ସ୍ୱଚ୍ଛ ଓ ହରିତ ପରିବେଶ, କୌଶଳମୂଳକ ଓ ଆଧୁନିକ ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ (ମନ, ବୁଦ୍ଧି ଓ ଚରିତ୍ର) ସୁନିଶ୍ଚିତ ହେବା ସହ ଭବିଷ୍ୟତ ଭାରତ ଗଢ଼ିବାର ସଂକଳ୍ପ ସାକାର ହେବ।

## ଖୋର୍ଦ୍ଧାରେ ଶ୍ରମିକ ସଂଗଠନର ବିକ୍ଷୋଭ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନର ଏକ ମିଳିତ ମଂଚ ଘୋଷଣା କ୍ରମେ ଫେବୃଆରୀ ୧୨ ତାରିଖରେ ଭାରତ ବନ୍ଦ ର ପ୍ରଭାବ ଖୋର୍ଦ୍ଧା ସହରରେ ଦେଖିବାକୁ ମିଳିଛି ।ଶ୍ରମିକ ସଂଗଠନର ସଦସ୍ୟ ମାନେ ଖୋର୍ଦ୍ଧା ନୁଆବସଷ୍ଟାଣ୍ଡ ଠାରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖୋର୍ଦ୍ଧାରେ ବ୍ୟାଙ୍କ, ପୋଷ୍ଟ ଅଫିସ ସବୁ ବନ୍ଦ ରହିଥିଲା । ଦୋକାନ ବଜାର ବନ୍ଦ ରହିଥିଲା । ଏପରିକି ସ୍କୁଲ ମଧ୍ୟ ବନ୍ଦ କରିଥିଲେ ।ଶ୍ରମିକ ସଂଗଠନର ସଦସ୍ୟମାନେ ସହରରେ ବୁଲି ଦୋକାନୀ ଏବଂ ଲୋକଙ୍କୁ ସଚେତନ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଟାଉନ ପୋଲିସ ମୁତୟନ ହୋଇଥିଲେ । ଯାତ୍ରୀବାହି ବସ ଠାରୁ ଆରମ୍ଭ କରି ମାଲବାହି ଟ୍ରକ ଚଳାଚଳ ବନ୍ଦ ରହିଥିଲା । ଏହି ୟୁନିଅନ ଗୁଡ଼ିକ ପ୍ରଥମେ ଜାନୁଆରୀ ୯, ୨୦୨୫ରେ 'କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଏବଂ ଦେଶ ବିରୋଧୀ କର୍ପୋରେଟ୍ ନୀତି ବିରୁଦ୍ଧରେ ସେମାନଙ୍କର ପ୍ରତିବାଦ ପଞ୍ଜିକରଣ' କରିବା ପାଇଁ ଧର୍ମଘଟର ଡାକରା ଦେଇଥିଲେ । କେନ୍ଦ୍ର ବିଜେପି ସରକାର ଦ୍ୱାରା ଶ୍ରମିକ ଶ୍ରେଣିର କଷ୍ଟାର୍ଜିତ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ପ୍ରଣୟନ କରାଯାଇଥିବା ଶ୍ରମିକ ବିରୋଧୀ ଓ କର୍ପୋରେଟ ସପକ୍ଷବାଦୀ ୪ଟି ଶ୍ରମକୋଡକୁ ବାତିଲ କରିବା, ବିଦ୍ୟୁତ ସଂଶୋଧନ ବିଲ ୨୦୨୫ କୁ ପ୍ରତ୍ୟାହାର, ଭିବିଜିରାମଜି ଆଇନ ବଦଳରେ ମନରେଗା ଲାଗୁ, ଚାଷି ଓ କୃଷି ଶ୍ରମିକଙ୍କୁ ସୁରକ୍ଷା ସହ ବିହନ ବିଲ ୨୦୨୫ ପ୍ରତ୍ୟାହାର କରିବା, ସ୍ୱାମୀନାଥନ କମିଶନ ଅନୁସାରେ ଏମଏସପି ଲାଗୁ, ସମାନ କାମକୁ ସମାନ ଦରମା, ଅଣ ସମଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଆଇନଗତ ସୁରକ୍ଷା, ଆଦିବାସୀ ଓ ପାରମ୍ପାରିକ ଜଙ୍ଗଲ ଅଧିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର, ଦରଦାମ ଓ ବେକାରି ନିୟନ୍ତ୍ରଣ ଆଦି ଦାବିରେ ଦେଶ ବ୍ୟାପି ଧର୍ମଘଟ କରାଯାଇଛି ।

# ୬୪ ଯୋଗିନୀ ମହୋତ୍ସବ ପାଇଁ ସଜେଇ ହୋଇଛି ରାଣୀପୁର ଝରିଆଲ




କଣ୍ଟାବାଞ୍ଜି, ଦେଶର ଅନନ୍ୟ ଐତିହାସିକ ଯୋଗିନୀ ପୀଠ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସ୍ଥିତ ରାଣୀପୁର ଝରିଆଲ ରେ ମହାଶିବରାତ୍ରି ପାଇଁ ହଜାର ହଜାର ଆଖ ପାଖ ଅଞ୍ଚଳ ସହ ପଡ଼ୋଶୀ ରାଜ୍ୟ ଛତିଶଗଡ଼ରୁ ଭକ୍ତଙ୍କ ସମାଗମ ଦେଖିବା କୁ ମିଳିଛି । ସକାଳ ପ୍ରାୟ ୫ଘଣ୍ଟା ସମୟରୁ ଲମ୍ବା ଧାଡିରେ ଭକ୍ତ ପ୍ରଭୁଙ୍କ ଦର୍ଶନ କରିବା ସହ ଶିବଙ୍କୁ ଜଳ ଦେଇଥିଲେ । ଅନ୍ୟ ପକ୍ଷରେ ମହାଶିବରାତ୍ରି ମେଳା ଓ ୬୪ ଯୋଗିନୀ ମହୋତ୍ସବ ପାଇଁ ସଜେଇ ହେଲାଣି ସମଗ୍ର ପିଠ। ଫେବୃଆରୀ ୧୪ ତାରିଖ ଠାରୁ ୧୭ ପର୍ଯ୍ୟନ୍ତ ମହାଶିବରାତ୍ରି ମେଳା ଓ ଫେବ୍ରୁଆରୀ ୧୪ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ୬୪ ଯୋଗିନୀ ମହୋତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୁଚନା ଦେଇଛନ୍ତି ତେବେ ଏଥି ପାଇଁ ଚଳଚଞ୍ଚଳ ହୋଇପଡ଼ିଛିବ। ପ୍ରତିଦିନ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଓ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାପାଇଁ ମଞ୍ଚ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେପଟେ ସୋମେଶ୍ୱର ମହାଦେବ ଙ୍କ ପୀଠ ରେ ରବିବାର ଅଧିବାସ କାର୍ଯ୍ୟକ୍ରମ ସହ ମହାଶିବରାତ୍ରି ପାଇଁ ପୂଜା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଆଜି ସକାଳ ୪ଘଣ୍ଟା ୩୦ମି ରେ ରୁଦ୍ରା ଭିଷେକ ଆରମ୍ଭ ହୋଇଥିବା ବେଳେ ୭ ଘଣ୍ଟା ସମୟରେ ମଙ୍ଗଳ ଆରତୀ, ପୁଷ୍ପାଞ୍ଜଳି ସହ ଶ୍ରଦ୍ଧାଳୁ ଦର୍ଶନ ଆରମ୍ଭ ହୋଇଥିଲା । ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ ଅଧ୍ୟକ୍ଷତାରେ ଏହି ମହୋତ୍ସବରେ ନୂତନ ବିଡ଼ିଓ ନିତୁଶ୍ରୀ ମେହେର, ମନ୍ଦିର ଟ୍ରଷ୍ଟ ସଭାପତି ମାଣିକ ଚନ୍ଦ ଜୈନ, ଆବାହକ ଅନୀଲ ତ୍ରିପାଠୀ ପ୍ରମୁଖ ସହ ଅନ୍ୟ ସଦସ୍ୟା ମାନେ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଛନ୍ତି ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭାରତ-ବାଂଲାଦେଶ ସମ୍ପର୍କରେ ବାଟ ଓଗାଳିବ ପାକିସ୍ତାନ

ବାଂଲାଦେଶରେ ସାଧାରଣ ନିର୍ବାଚନ ସହିତ ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର ଶେଷ ହୋଇଛି । ବିଏନପି ବଡ଼ ବିଜୟ ସହିତ ସରକାର ଗଠନ ନେଇ ପ୍ରସ୍ତୁତି ହୋଉଛି । ଅନ୍ୟପଟେ ନିର୍ବାଚନ ଫଳ ବାହାରିବା ସହିତ ପାକିସ୍ତାନ ସମର୍ଥକ କୁହାଯାଉଥିବା କଠୋରପନ୍ଥୀ ସଂଗଠନ ଜମାତ-ଏ-ଇସଲାମୀର ମୁହଁ କଳା ପଡ଼ିଯାଇଛି । ବାଂଲାଦେଶରେ ସରକାର ଗଠନ କରିବା ସ୍ୱପ୍ନ ଭାଙ୍ଗି ଯାଇଛି । ହେଲେ ୭୦ ଆସନ ସହିତ ମୁଖ୍ୟ ବିରୋଧୀ ଦଳ ଭାବେ ବାଂଲାଦେଶ ସଂସଦ ଉଭା ହୋଇଥିବା ଜମାତ-ଏ-ଇସଲାମୀ, ଭାରତ ଏବଂ ନୂଆ ସରକାରଙ୍କ ସମ୍ପର୍କରେ ବାଧକ ସୃଷ୍ଟି କରିପାରେ ବୋଲି କୁହାଯାଉଛି । ପୂର୍ବରୁ ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାରରେ ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇର ନୂଆ ଠିକଣା ବାଂଲାଦେଶ ହୋଇଥିବା ବେଳେ ଅନ୍ୟପଟେ ଚୀନରୁ ସୈନ୍ୟ ଡ୍ରୋନ୍ ଡିଲ୍ ଭାରତକୁ ଚିକେନ୍ ନେକ୍ ଉପରେ ଧମକ ମଧ୍ୟ ଦେଇଛି । ଯାହାକୁ ନେଇ ଟେନସନରେ ପଡ଼ିଯାଇଛି ଭାରତ । ଜାତୀୟ ଗଣମାଧ୍ୟମ ଦି ଇକୋନୋମିକ୍ସ ଟାଇମ୍ସ ଆନୁଯାୟୀ, ଜମାତ-ଏ-ଇସଲାମୀ ସଂଗଠନ ବାଂଲାଦେଶ ସାଧାରଣ ନିର୍ବାଚନ ବେଳେ ସଂଖ୍ୟା ଲଘୁଙ୍କୁ ଫୋକସ୍ କରିଥିଲା ଏବଂ ଭାରତ ବିରୋଧୀ ଗତିବିଧିରେ ଲାଗିଥିବା କଠୋରପନ୍ଥୀଙ୍କ ଶକ୍ତିକୁ ବଢ଼ାଇଥିଲା । ରାସ୍ତା ଉପରେ ଭାରୀ ବିରୋଧ ପ୍ରଦର୍ଶନ ସତ୍ତ୍ୱେ ବାଂଲାଦେଶ ଜନତା ଜମାତ-ଏ-ଇସଲାମୀ ପାର୍ଟିକୁ ସାଇଟ୍ କରି ବିଏନପି ବାଛିଛନ୍ତି । ବାଂଲାଦେଶର ବିକାଶକୁ ଫୋକସ କରୁଥିବା ପାର୍ଟିକୁ ବିପୁଳ ବିଜୟ ଦେଇଛନ୍ତି । ତାରିକ୍ ରହମାନଙ୍କ ବାଂଲାଦେଶ ନ୍ୟାସନାଲ୍ ପାର୍ଟି ବିଏନପିକୁ ଦୁଇ-ତୃତୀୟାଂଶ ବହୁମତରେ ବିଜୟ କରାଇଛନ୍ତି । ନିର୍ବାଚନ ସମୟରେ ଜମାତ-ଏ-ଇସଲାମୀ ପାର୍ଟିର ଭରସା ଥିବ କି ବାଂଲାଦେଶରୁ ବିତାଡ଼ିତ ହୋଇଥିବା ଶେଖ୍ ହସିନାଙ୍କ ଆୱାମୀ ଲିଗର ଭୋଟରଙ୍କୁ ନିଜ ପକ୍ଷରୁ ଟାଣିନେବ ମାତ୍ର ଏହା ହୋଇନଥିଲା । ଏହାଛଡ଼ା ଜମାତ ପାର୍ଟିର ଏହା ମଧ୍ୟ ଭରସା ଥିଲା ଦେଶରେ ମହିଳା ଭୋଟର ଏବଂ ଯୁବବର୍ଗ ତାଙ୍କୁ ସମର୍ଥନ କରିବେ, ମାତ୍ର ତାହା ମଧ୍ୟ ହୋଇନଥିଲା । ଜମାତ-ଏ-ଇସଲାମୀ ସେହି ଦଳ, ଯିଏ ୧୯୭୧ ବାଂଲାଦେଶ ମୁକ୍ତି ସଂଗ୍ରାମରେ ପାକିସ୍ତାନକୁ ସମର୍ଥନ କରିଥିଲା । ରକ୍ଷା ବିଶେଷଜ୍ଞ ଲେଫ୍ଟିନେଣ୍ଟ କର୍ଣ୍ଣେଲ୍ (ଅବସରପ୍ରାପ୍ତ) ଜେ.ଏସ୍. ସୋଢ଼ୀ କହିଛନ୍ତି, ୧୩ ଫେବୃଆରୀ ସକାଳ ୯ଟାରେ ବାଂଲାଦେଶରେ ବିଏନପିର ବଡ଼ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ୍ ମିଡିଆରେ ଏକ ପୋଷ୍ଟ କରି ଅଭିନନ୍ଦନ ଜଣାଇଥିଲେ । ସେ ଲେଖିଥିଲେ, 'ଏ ବିଜୟ ବାଂଲାଦେଶ ଜନତାଙ୍କ, ଆପଣଙ୍କ ନେତୃତ୍ୱ ପ୍ରତି ଆସ୍ଥାକୁ ପ୍ରକାଶ କରୁଛି ।' ଏହି ପୋଷ୍ଟ ବାଂଲାଦେଶ ସହ ପୁଣିଥରେ ଭାରତର ମଜବୁତ ସମ୍ପର୍କ ଗଢ଼ିଉଠିବାର ଏକ କୂଟନୀତିକ ସନ୍ଦେଶ ଥିଲା । ଚୀନ ଓ ପାକିସ୍ତାନ ପୂର୍ବରୁ ଭାରତ ବାଂଲାଦେଶର ନୂତନ ନେତୃତ୍ୱକୁ ସ୍ୱାଗତ କରି ରଣନୀତିକ ଚାଲ୍ ଖେଳିଥିବା ମନେ କରାଯାଉଛି । ବିଏନପିର ରାଜନୈତିକ ଚିନ୍ତା ଧାରା ପ୍ରାୟ ଦକ୍ଷିଣପନ୍ଥୀ ଚିନ୍ତାଧାରା ସହ ମେଳ ଖାଉଛି । ବିଜେପି ସହ ଧାରଣା ଭାବେ ନିକଟତର ବୋଲି ଧରାଯାଏ । ଏହି ପରିପ୍ରେକ୍ଷିରେ ଭାରତ ପାଇଁ ବିଏନପି ଏକ ସ୍ଥିର ଏବଂ ଶକ୍ତିଶାଳୀ ସରକାର ଏବଂ ଏକ କୁଟନୈତିକ ବିକଳ୍ପ ବୋଲି କୁହାଯାଉଛି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---------------

### ଗବେଷଣା



ଦିଗବଳୟ, ନଭଶ୍ମୁମ୍ବୀ ଅଟ୍ଟାଳିକା
ପାରି ହୋଇ
ତେର ନଈ ସାତ ପାରାବାର ଡେଇଁ
ମାଟି ନେଇ ଗବେଷଣା ପାଇଁ ଘୁରି ବୁଲେ
ଆମେରିକା, ଫ୍ରାନ୍ସ, ରୁଷ, ଜର୍ମାନ ବିଜ୍ଞାନୀ
କିନ୍ତୁ ନିଜ ଭିଟାମାଟି
ପାରିନାହିଁ ଚିହ୍ନି

ସତେ ସିଏ କେତେ ଯେ ନିର୍ବୋଧ ? ।୧।
ଏଇ ଦେହ ଅଟହାସ୍ୟ କରେ ମଣିଷରେ
ରୋଗ, ଶୋକ, ଦୁଃଖ ଓ ଯନ୍ତ୍ରଣା ଘେନି
କିନ୍ତୁ ମନ ଖୋଜି ଚାଲେ ବାହାରେ ବାହାରେ
ଗବେଷଣା ଉପାଦାନ
ଡକ୍ଟରେଟ ଉପାଧିର ବ୍ୟାଧି
ଭୂତତ୍ତ୍ୱ ବିଜ୍ଞାନୀ ହେବା ପାଇଁ
ଦିନେ ହେଲେ ଏ ମାଟିକୁ
ଚିହ୍ନିତ ପାରିନି ସିଏ
ହାୟରେ, ସତେ ସେ
କେଡିକି ନିର୍ବୋଧ ??? ।୨।

ଗବେଷଣା କରୁ କରୁ ଜରାଗ୍ରାସ କରେ
ତଥାପି ସରଇ ନାହିଁ
ମାଟି – ଗବେଷଣା
ମୃତ୍ୟୁ ଦୂତ ଫାସ ଧରି
ଭରା ହୁଏ ଆସି
ମାଟି ଦେହ ବୋହି ନେବା ପାଇଁ
କେଉଁ ଏକ ଅଜଣା ପୁରକୁ
ଏତେ ଦିନ ଧରି
କେଉଁ ଗବେଷଣା କର ?
କେଉଁ ମାଟି ପରେ
ମାଟି ପରା ମା' ଟି ଆମର
ଡାକିଛି ପାରିଛ ଚିହ୍ନି ?
ଜୀବନରେ ପୂର୍ଣ୍ଣତା କେଉଁଠି
ହାୟରେ ନିର୍ବୋଧ ନର ??? ।୩।

# ଶୈବ ସଂସ୍କୃତିକୁ ଓଡ଼ିଶାର ଅନବଦ୍ୟ ଅବଦାନ (୧)



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୯୫୧୯୦୪୭୫

ସନାତନ ହିନ୍ଦୁଧର୍ମର ଶୈବ, ଶାକ୍ତ, ବୈଷ୍ଣବ, ସୌର ଓ ଗାଣପତ୍ୟ ପ୍ରଭୃତି ସଂପ୍ରଦାୟ ପ୍ରଭୃତି ନିଜସ୍ୱ ରୀତି, ନୀତି, ଆସ୍ଥା, ବିଶ୍ୱାସ ମଧ୍ୟରେ ବୃହତ୍ତର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ଓ ଭାବ ସୃଷ୍ଟିରେ ସମର୍ଥ ହୋଇଛନ୍ତି । ଏହି ସଂପ୍ରଦାୟ ମଧ୍ୟରେ ରହିଛି ନୀତି ଓ ଭାବଗତ ମୌଳିକ ବୈଶିଷ୍ଟ୍ୟ ଯାହା ହିନ୍ଦୁ ଧର୍ମକୁ କରିଛି ଗୌରବାନ୍ୱିତ । ଏହା ମଧ୍ୟରେ ଶୈବ ସଂପ୍ରଦାୟର ଅତୀତ ଇତିହାସ ଅତି ପ୍ରାଚୀନ ବୋଲି ଗବେଷକମାନେ ମତବ୍ୟକ୍ତ କରନ୍ତି । ଭାରତୀୟ ସଂସ୍କୃତିର ମୂଳଭିତ୍ତି ସିନ୍ଧୁ ସଭ୍ୟତା ଏହି ସଭ୍ୟତାର ଭଗ୍ନାବଶେଷରୁ ମିଳିଥିବା ଏକ ସିଲ୍ ଉପରେ ଏକ ଦେବ ମୂର୍ତ୍ତିର ସୁନ୍ଦର ପ୍ରତିକୃତି ଦେଖିବାକୁ ମିଳେ । ତାହାଙ୍କର ତିନିମୁଖ ଏବଂ ମସ୍ତକ ଉପରେ ଶୃଙ୍ଗ ବିଦ୍ୟମାନ । ସେ ଯୋଗାସନ ଅବସ୍ଥାରେ ଉପବିଷ୍ଟ । ତାହାଙ୍କ ଚାରିପାଖରେ ପଶୁମୂର୍ତ୍ତି ଯଥା-ହସ୍ତୀ, ବ୍ୟାଘ୍ର, ଗଣ୍ଡା ଓ ମହିଷିର ଚିତ୍ର ରହିଛି । ତାଙ୍କ ପାଦ ନିକଟରେ ମୃଗର ଚିତ୍ର ଅଛି । ଅନେକ ଦୃଷ୍ଟିରୁ ବିଶ୍ଳେଷଣ କରି ସେହି ତ୍ରିମୁଖ ବିଶିଷ୍ଟ ଯୋଗାସନ ଉପବିଷ୍ଟ ପଶୁ ପରିବେଷ୍ଟିତ ଦେବମୂର୍ତ୍ତିକୁ ଶିବ ପଶୁପତି ରୂପେ ଚିହ୍ନଟ କରାଯାଇଛି । କାରଣ ଶିବ ଶଙ୍କରଙ୍କ ଅନ୍ୟନାମ ପଶୁପତି । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ତତ୍କାଳୀନ ମହାନିର୍ଦ୍ଦେଶକ ସାର ଜନ୍‌ମର୍ଶାଲଙ୍କ ମତରେ ଶୈବଧର୍ମ ଭାରତର ପ୍ରାଚୀନତମ ଧର୍ମ । ଆର୍ଯ୍ୟ-ଅନାର୍ଯ୍ୟ ସଂସ୍କୃତିର ସମନ୍ୱୟରେ ଶୈବଧର୍ମର ଅଭ୍ୟୁଦୟ ବୋଲି ଗବେଶକମାନେ ବିବେଚନା କରନ୍ତି । ଆର୍ଯ୍ୟମାନଙ୍କର ଭାରତ ଆଗମନର ବହୁ ପୂର୍ବରୁ ଆଦିବାସୀ ସଂପ୍ରଦାୟ ମଧ୍ୟରେ ଶୈବ ଉପାସନାର ଭାବ ସୃଷ୍ଟି ହୋଇଥିବାର ଜଣାଯାଏ । ଆଦିବାସୀମାନଙ୍କର ଲିଙ୍ଗପୂଜା ପ୍ରତି ଆଗ୍ରହ ଓ ଆର୍ଯ୍ୟମାନଙ୍କର ଏଥିପ୍ରତି ଅନାଦାର ଥିବାର କେତେକ ତଥ୍ୟରୁ ଜଣାଯାଏ। ଏଥିପାଇଁ ଶୈବଧର୍ମ ବହୁସମୟ ପର୍ଯ୍ୟନ୍ତ ସଂଗଠିତ ହୋଇପାରିନଥିଲା । କୁଶାଣ ରାଜତ୍ୱ ସମୟରେ ଶିବ ଆରାଧନାର ସ୍ୱତନ୍ତ୍ର ପ୍ରଭାବ ଦେଖିବାକୁ ମିଳିଥିଲା । କୁଶାଣ ରାଜବଂଶର ରାଜତ୍ୱରେ ଓଡିଶାରେ ଶୈବଧର୍ମ କେବେ ଓ କିପରି ଆସିଲା ଏହାର କୌଣସି ପ୍ରାମାଣିକ ତଥ୍ୟ ନାହିଁ । କେତେକ ଗବେଷକଙ୍କ ମତରେ ଓଡିଶାର ଆଦିବାସୀ ସଂପ୍ରଦାୟ ଦ୍ୱାରା ଶୈବଧର୍ମ ପ୍ରଚଳିତ ହୋଇଥିଲା । ଆଦିବାସୀ ସଂପ୍ରଦାୟ ଦ୍ୱାରା ପ୍ରଥମେ ଶିବ ଉପାସନା ଆରମ୍ଭ ହୋଇଥିଲା । ଏହାର ପ୍ରମାଣ ମିଳେ ମଧୁକେଶ୍ୱର ଶିବ ମନ୍ଦିରରୁ । କଳିଙ୍ଗର ପୂର୍ବତନ ରାଜଧାନୀ ପ୍ରାଚୀନ ମୁଖଲିଙ୍ଗ ଠାରେ ବିଦ୍ୟମାନ ମଧୁକେଶ୍ୱର ମନ୍ଦିର । ଶ୍ରୀମଧୁକେଶ୍ୱର ମହାଦେବ ହେଉଛନ୍ତି ଆଦିବାସୀ ସଂପ୍ରଦାୟର ଦେବତା । ସ୍କନ୍ଦ ପୁରାଣର ବର୍ଣ୍ଣନା ଅନୁଯାୟୀ କଳିଙ୍ଗର ଏକ ନିବିଡ ଅରଣ୍ୟରେ ଏକ ଶବର ରାଜା ବାସ କରୁଥିଲେ । ସେ ତାଙ୍କ ଗୃହ ନିକଟରେ ଏକ ଲିଙ୍ଗାକୃତ ପଥର ଖଣ୍ଡ ପାଇଥିଲେ ଏକ ମଧୁକ ବୃକ୍ଷ ମୂଳରୁ । ତତ୍କାଳୀନ ସମୟରେ କମାର୍ଣ୍ଣବ ଦେବ କଳିଙ୍ଗ ରାଜା ଏହି ଉଦ୍ଦେଶ୍ୟରେ ଏକ ମନ୍ଦିର ନିର୍ମାଣ କରି ନାମକରଣ କରିଥିଲେ ମଧୁକେଶ୍ୱର । ବର୍ତ୍ତମାନ ମଧ୍ୟ ମଧୁକେଶ୍ୱର ଦେବ, ଭକ୍ତି, ଭାବ ଓ ଶ୍ରଦ୍ଧାର ସହିତ ପୂଜା ପାଉଛନ୍ତି । ଶୈବଧର୍ମ ପ୍ରାଚୀନ ଓଡିଶାର ଏକ ପ୍ରମୁଖ ଧର୍ମ ବ୍ୟବସ୍ଥା ରୂପେ ପରିଚୟ ସୃଷ୍ଟି କରିଥିଲା ଏଥିରେ ଦ୍ୱିମତ ନାହିଁ । ଶୈବ ଧର୍ମାଲମ୍ବୀ ମାନଙ୍କର ଏ ପ୍ରମୁଖ ଉପାସନାସ୍ଥଳୀ ଥିଲା ଓଡିଶା । ଶୈବଧର୍ମ ଓଡିଶାର ପ୍ରାଚୀନ ଓ ଲୋକପ୍ରିୟ ଏହାର ପ୍ରମାଣ ମିଳେ ବହୁ ସଂଖ୍ୟକ ଶିବ ମନ୍ଦିରରୁ ଯାହା ପ୍ରତ୍ୟେକ ଅଞ୍ଚଳରେ ପ୍ରତିଷ୍ଠିତ । ନାଗରାଜା ଶତ୍ରୁଭଞ୍ଜଙ୍କର ଦ୍ୱାରା ଖୋଦିତ କେଉଁଝର ଜିଲ୍ଲାର ଅସନପାଟ ଠାରେ ଥିବା ଶିଳାଲେଖ ଏହା ସର୍ବ ପ୍ରଥମ ଯାହା ଶୈବଧର୍ମ ଉପରେ ସଂପର୍କିତ । ମହାରାଜା ଶତ୍ରୁଭଞ୍ଜଙ୍କ ଦ୍ୱାରା ଏକ ଶିବ ମନ୍ଦିର ନିର୍ମାଣ ଅବସରରେ ଏହି ଶିଳାଲେଖ ଉତ୍କୀର୍ଣ୍ଣ ହୋଇଥିଲା । ଏହି ଅଭିଲେଖ ଉପରେ ନଟରାଜ ଶିବଙ୍କର ଏକ ସୁନ୍ଦର ପ୍ରତିମୂର୍ତ୍ତି ଖୋଦିତ ହୋଇଛି । ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ଏହି ମୂର୍ତ୍ତି ଓଡିଶାର ପ୍ରାଚୀନତମ ମୂର୍ତ୍ତି ଅଟେ। ଅଷ୍ଟଭୂଜ ବିଶିଷ୍ଟ ନଟରାଜ ଶିବ ଉପର ହସ୍ତ ଦ୍ୱୟରେ ଏକ ସର୍ପ ମଥା ଉପରକୁ ଟେକି ଧରିଛନ୍ତି । ତଳହସ୍ତ ଦ୍ୱୟରେ ବୀଣାବାଦନ କରୁଛନ୍ତି । ଗୋଟିଏ ହସ୍ତ ବରଦା ମୁଦ୍ରା ପ୍ରଦର୍ଶିତ ଓ ଅନ୍ୟ ତିନି ହସ୍ତରେ ତ୍ରିଶୂଳ, ଡମ୍ବୁରୁ, ଅକ୍ଷମାଳା ଅଛି । ମସ୍ତକରେ ଜଟାମୁକୁଟ, ତୃତୀୟ ନେତ୍ର ଓ ଚନ୍ଦ୍ରକଳା ଶୋଭାପାଉଅଛି । ଉଲଗ୍ନ, ଉର୍ଦ୍ଧ୍ୱଲିଙ୍ଗ ଓ ତାଣ୍ଡବ ନୃତ୍ୟରତ ଅଛନ୍ତି । ତାଙ୍କର ଉଭୟ ପାର୍ଶ୍ୱରେ ନନ୍ଦୀ ଓ ଭୃକୁଟୀ ବିଦ୍ୟମାନ । ଏହି ମୂର୍ତ୍ତିରୁ ଜଣାଯାଏ ଶୈବଧର୍ମ ଚତୁର୍ଥ ଶତାବ୍ଦୀ ବେଳକୁ ଓଡିଶାରେ ପ୍ରଚାର ଓ ପ୍ରସାର ଲାଭ କରିଥିଲା। ପଞ୍ଚମ ଶତାବ୍ଦୀରେ ଦକ୍ଷିଣ କୋଶଳ ବା ପଶ୍ଚିମ ଓଡିଶାରେ ନଳରାଜା ଭବଦତ୍ତ ବର୍ମନ ଓ ଅଶ୍ୱପତି ଶିବ ଉପାସନା କରୁଥିଲେ ତଥ୍ୟରୁ ଜଣାଯାଏ । ସେମାନଙ୍କର ଅଭିଲେଖରୁ ଜଣାଯାଏ ମହେଶ୍ୱର ମହାସେନଙ୍କ ଅପାର କରୁଣାରୁ ରାଜ୍ୟର ବିଭବ ଓ ସୌଭାଗ୍ୟ ବହୁମାତ୍ରାରେ ବୃଦ୍ଧି ପାଇଥିଲା । କଳିଙ୍ଗର ମାଠର ବଂଶୀୟ ରାଜାମାନଙ୍କର ସମସାମୟିକ ଥିଲେ କୋଶଳର ନଳରାଜାମାନେ । ମାଠରରାଜାମାନେ ବୈଷ୍ଣବ ସଂପ୍ରଦାୟର ଥିଲେ । କିନ୍ତୁ ଏହି ସମୟରେ ଅନନ୍ତବର୍ମନ ଥିଲେ ଶୈବ ଉପାସକ । ପୋଡା ଦୁଇଟି ଅଭିଲେଖରୁ ଜଣାଯାଏ କଳିଙ୍ଗରାଜା ଦମନେଶ୍ୱର ଶିବ ଠାକୁରଙ୍କୁ ପୂଜା କରୁଥିଲେ । ଗୁପ୍ତ ଯୁଗର ପରବର୍ତ୍ତୀ ସମୟରେ ଓଡିଶାରେ ଶୈବଧର୍ମ ବହୁଳ ପ୍ରସାର ଓ ପ୍ରସିଦ୍ଧି ଲାଭ କରିଥିଲା । ପୂର୍ବ ଗଙ୍ଗଙ୍କ ରାଜତ୍ୱ ଓଡିଶାରେ ପଞ୍ଚମ ଶତାବ୍ଦୀର ଶେଷ ବେଳକୁ ଆରମ୍ଭ ହେଲା । ଏହି ସମୟରେ ଶୈବ ଓ ବୌଦ୍ଧଧର୍ମ ମଧ୍ୟରେ ଭୀଷଣ ବିବାଦ ଆରମ୍ଭ ହୋଇଥିଲା । ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଶୈବଧର୍ମ ପ୍ରଭାବ ବିସ୍ତାର କରିଥିଲା ବୌଦ୍ଧଧର୍ମ ଉପରେ । ଏକ ଅଶୋକ ସ୍ତମ୍ଭକୁ ଶିବଲିଙ୍ଗରେ ପରିବର୍ତ୍ତିତ କରି ଭୁବନେଶ୍ୱରର ଭାସ୍କରେଶ୍ୱର ମନ୍ଦିରରେ ସ୍ଥାପନ କରାଯାଇଅଛି । ଏକାମ୍ରପୁରାଣରେ ବର୍ଣ୍ଣିତ ଅଛି ଶୈବଧର୍ମ ଓ ବୌଦ୍ଧଧର୍ମ ମଧ୍ୟରେ ଥିବା ବିବାଦର କଥା । ଷଷ୍ଠ ଶତାବ୍ଦୀର ମଧ୍ୟଭାଗ ସମୟ ବେଳକୁ ଶୈବଧର୍ମ ବୌଦ୍ଧଧର୍ମ ଠାରୁ ବହୁ ଆଗରେ ଥିଲା ଏବଂ ଏହା ବଳବତ୍ତର ଥିଲା ଅଷ୍ଟମ ଶତାବ୍ଦୀର ପ୍ରଥମ ଭାଗ ପର୍ଯ୍ୟନ୍ତ । ଉତ୍ତର ତୋଷାଳୀ ବା ଉତ୍କଳରେ ମଧ୍ୟ ଶୈବଧର୍ମର ଲୋକପ୍ରିୟତା ବୃଦ୍ଧି ପାଇଥିଲା । (କ୍ରମଶଃ...)

# ୪୦ବର୍ଷରେ ଉପଭୋକ୍ତା ଆନ୍ଦୋଳନ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଉପଭୋକ୍ତା ଆନ୍ଦୋଳନକୁ ୪୦ ବର୍ଷ ପୁରିଛି । ଏହି ଅବଧି ମଧ୍ୟରେ ଏହି ଆନ୍ଦୋଳନ କେତେ ସଫଳ ହୋଇଛି ବା ବିଫଳ ହୋଇଛି ସେ ପ୍ରସଙ୍ଗରେ ଆଲୋଚନା କରିବାର ଆବଶ୍ୟକତା ରହିଛି । ଉପଭୋକ୍ତା ଆନ୍ଦୋଳନର ସୂତ୍ରପାତ ୧୯୮୬ରେ ହୋଇଥିଲା ଉପଭୋକ୍ତା ସଂରକ୍ଷଣ ଆଇନ୍ ପ୍ରଣୟନ ପରେ ଯେଉଁଥିରେ ଉପଭୋକ୍ତାଙ୍କୁ ଅଣଦେଖା ଏପରିକି ଖରାପ ବସ୍ତୁର ବିକ୍ରୀ ବା ସେବାରେ କୌଣସି ପ୍ରକାରର ତୃଟିକୁ ତଦନ୍ତ କରାଯାଇ ଯଥୋଚିତ ଆଦେଶ ଦେବା ପାଇଁ ଜିଲ୍ଲାସ୍ତର, ରାଜ୍ୟସ୍ତର ଏବଂ ରାଷ୍ଟ୍ରୀୟ ସ୍ତରରେ ନ୍ୟାୟାଳୟରେ ଗଠନ/ସ୍ଥାପନ ପାଇଁ ମାର୍ଗ ପ୍ରଶସ୍ତ ହୋଇଥିଲା। ୨୦୧୯ରେ ଏହି ଆଇନ୍‌ରେ କେତେକ ପରିବର୍ତ୍ତନ ଅଣାଯାଇଥିଲା। କିନ୍ତୁ ଏବେ ଯଦି ୪୦ ବର୍ଷର ଏହି ଉପଭୋକ୍ତା ସଂରକ୍ଷଣ ଯାତ୍ରାର ଆକଳନ କରାଯାଏ ତେବେ ଜଣାପଡ଼ିବ ଯେ ଦେଶର ନ୍ୟାୟ ବ୍ୟବସ୍ଥା ଭଳି ଏଠାରେ ମଧ୍ୟ ନ୍ୟାୟ ମାଗୁଥିବା ଲୋକଙ୍କୁ ନ୍ୟାୟ ମିଳିବାରେ ବିଳମ୍ବ ହେଉଛି। ଆଉ ଏକ ସମ୍ବେଦନଶୀଳ କଥା ହେଉଛି ଦେଶର ଅନେକ ଲୋକଙ୍କୁ ସେମାନଙ୍କର ଏହି ବହୁମୂଲ୍ୟ ଅଧିକାର ସମ୍ପର୍କରେ ଏବେ ବି ଜଣାନାହିଁ। ଏଣୁ ଉପଭୋକ୍ତା ସଂରକ୍ଷଣ ଅଧିକାର ପ୍ରତି ଅଜ୍ଞାନତା ଦୂର କରିବାର ଆବଶ୍ୟକତା ରହିଛି । ଶିକ୍ଷା ବ୍ୟବସ୍ଥା ସହ ଏହାକୁ ଯୋଡାଯାଇ ପାରିଲେ ଲୋକେ ଅଧିକ ଭାବେ ଏବାବଦରେ ଜାଣିପାରନ୍ତେ। ଏପରିକି ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ମଧ୍ୟ ଅଭିଯାନ ରାଷ୍ଟ୍ରୀୟ ସ୍ତରରେ କରାଯିବାର ଅବଶ୍ୟକତା ରହିଛି।

ଉପଭୋକ୍ତା/ ଉପଭୋଗତା ଅଦାଲତ ମାଧ୍ୟମରେ ଯେଉଁ ସଂରକ୍ଷଣ ଅଭିଯାନ ତୀବ୍ର ଗତିରେ ଚାଲିବା କଥା ତାହା ହୋଇପାରୁନାହିଁ। ଏହି ଅଦାଲତ ବ୍ୟବସ୍ଥା ଏଭଳି ସ୍ଥାପନ କରାଯାଇଥିଲା ଯେ ସାମାନ୍ୟ ଅଭିଯୋଗରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ସମ୍ଭବ ହେବା କଥା କିନ୍ତୁ ଏଠି ମଧ୍ୟ ଅନ୍ୟ ଅଦାଲତ ଭଳି ଛୋଟିଆ ରାଶିର ମାମଲା ପାଇଁ ଓକିଲଙ୍କର ଆବଶ୍ୟକତା ପଡୁଛି। ଅର୍ଜି ପ୍ରସ୍ତୁତ କରିବାକୁ ପଡୁଛି, ଦସ୍ତାବିଜ ଯୋଡିବାକୁ ପଡୁଛି, ପୁଣି ସାକ୍ଷ୍ୟ ପ୍ରମାଣର ଉପସ୍ଥିତିରେ ଆବେଦନ ତଥ୍ୟକୁ ସିଦ୍ଧ କରିବାକୁ ପଡୁଛି ଏବଂ ପରିଶେଷରେ ଓକିଲଙ୍କ ତର୍କ ଓ ପରେ ପୁଣି ଆଦେଶ ପାଇଁ ପ୍ରତୀକ୍ଷା। ଅପିଲ ପଦ୍ଧତି ଅଭିଯୋଗ କର୍ତ୍ତାଙ୍କ ପାଇଁ ଆଶା ବଦଳରେ ନିରାଶା, ରାୟ/ନିର୍ଣ୍ଣୟ ପାଇଁ ସମୟ ଗଡିଚାଲିବା ଭଳି ଅବସ୍ଥାର ମଧ୍ୟ ଘଟୁଛି। ସାଧାରଣତଃ କୌଣସି ଘରୋଇବସ୍ତୁ ବା ସେବା ସମ୍ବନ୍ଧିତ ଅଭିଯୋଗ ଉପଭୋକ୍ତାଙ୍କ ପକ୍ଷରୁ ଅଣାଯାଇଥାଏ। ଏଭଳି ଅଭିଯୋଗର ନିରିକ୍ଷଣ, ପରୀକ୍ଷଣରେ ସାମାନ୍ୟ ବିବେକର ପ୍ରୟୋଗ କରି ଶୀଘ୍ର ନିର୍ଣ୍ଣୟ ସମ୍ଭବ। କିନ୍ତୁ ମାମଲାର ଲମ୍ବା ଅଦାଲତ ପ୍ରକ୍ରିୟା କାରଣରୁ ନିର୍ଣ୍ଣୟ/ରାୟ ବିଳମ୍ବ ହୋଇଥାଏ। ଏଥିରୁ ସ୍ପଷ୍ଟ ଯେ ଉପଭୋକ୍ତା ନ୍ୟାୟ ପ୍ରଣାଳୀରେ ବିବେକଶୀଳତା ବା ଗତିଶୀଳତାର କୌଣସି ସ୍ଥାନ ନାହିଁ।

ଅନ୍ୟ ଅଦାଲତମାନଙ୍କ ଭଳି ଉପଭୋକ୍ତା/ ଖାଉଟି ଅଦାଲତରେ ଯଦି ସେହିଭଳି ବ୍ୟବସ୍ଥା ରହେ ତେବେ ଉପଭୋକ୍ତା ସଂରକ୍ଷଣ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରାଯିବ କେମିତି ? ସୂଚନାର ଅଧିକାର ମଧ୍ୟ ଏକ ଆନ୍ଦୋଳନ ଭଳି ଆଇନର ରୂପ ନେଇଥିଲା। ଏହି ଅଭିଯାନ ଏବେ ତୀବ୍ର ଗତିରେ ଚାଲିଛି। ହାତ ଲେଖା ଆବେଦନ ପତ୍ର ଦେଇ ମଧ୍ୟ କୌଣସି ବିଭାଗରୁ ସୂଚନା ମଗାଯାଇପାରେ। ୩୦ ଦିନ ମଧ୍ୟରେ ମଧ୍ୟ ଆବେଦନର ଉତ୍ତର ଆସୁଛି। ଉପଭୋକ୍ତା ସଂରକ୍ଷଣକୁ ମଧ୍ୟ ସୂଚନା ଅଧିକାର ଭଳି ପଦ୍ଧତି ଆପଣେଇବା ଆବଶ୍ୟକ। ଏଥିପାଇଁ ବାରମ୍ବାର ଆଇନ୍‌ରେ ସଂଶୋଧନର ଆବଶ୍ୟକତା ଅଥବା ଅନୁଶାସନର କଡା ପ୍ରକ୍ରିୟା ଲାଗୁକରାଯିବାର ଆବଶ୍ୟକତା ନାହିଁ। ବାସ୍ତବରେ ଉପଭୋକ୍ତା/ ଖାଉଟି ଅଦାଲତର ନ୍ୟାୟାଧିଶ ମାନଙ୍କୁ ଏକଥା ଚନ୍ତା କରିବା ଆବଶ୍ୟକ ଯେ ଯେଉଁ ଉପଭୋକ୍ତା ମାତ୍ର କିଛି ହଜାର ଟଙ୍କାର କ୍ଷତିପୂରଣ ପାଇଁ ତାଙ୍କ ନିକଟକୁ ଆସିଛି ତାଙ୍କର ଅଧିକାର/ପ୍ରାପ୍ୟ ରାଶି ଠାରୁ ଅଧିକ ରାଶି ଏବଂ ସମୟ ବ୍ୟୟ କରାଯିବା ଅନ୍ୟାୟ ନିଶ୍ଚୟ। ଔପଚାରିକ ଅଦାଲତ ପ୍ରକ୍ରିୟାକୁ ଶୀଘ୍ରାତିଶୀଘ୍ର ସମାପ୍ତ କରାଯାଇ ପାରିଲେ ଉପଭୋକ୍ତା ଆନ୍ଦୋଳନକୁ ବାସ୍ତବରେ ନ୍ୟାୟକାରୀ ବ୍ୟବସ୍ଥାରେ ପରିଣତ କରାଯାଇପାରିବ।

# ସଭ୍ୟତାର ତିନୋଟି ଲକ୍ଷଣ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ମାନବ ସଭ୍ୟତା ଆଗକୁ ବଢ଼ି ଚାଲିଛି। ଏହାର ବିକାଶ ପଥରେ ବହୁ ପ୍ରତିବନ୍ଧକ ଆସିଛି। ତଥାପି ଏହା ଅଟକି ଯାଇନାହିଁ। ଶ୍ରେଷ୍ଠରୁ ଶ୍ରେଷ୍ଠତର ସନ୍ଧାନରେ ଏହା ଆଗେଇ ଚାଲିଛି। ସଭ୍ୟତା ମନୁଷ୍ୟର ବିଚାରବୁଦ୍ଧି ସମ୍ପନ୍ନତା ସହିତ ଜଡିତ। ବିଚାରବୁଦ୍ଧି ସମ୍ପନ୍ନତା ଯେଉଁପରି ଗତିଶୀଳ, ସଭ୍ୟତା ମଧ୍ୟ ତଦନୁଯାୟୀ ଗତିଶୀଳ। ମନୁଷ୍ୟର ବୁଦ୍ଧିବିବେକ ଯାହାକୁ ଉଚିତ ଓ ମନୁଷ୍ୟ ସମାଜର ହିତୈଷୁ ବୋଲି ଗ୍ରହଣ କରିନିଏ, ତାକୁହିଁ ଅନୁସରଣ କରିବା ଆରମ୍ଭ କରେ। ଯେତେବେଳେ ସଂଖ୍ୟାଧିକ ଲୋକ ଏହି ସମାନ ବିଚାରଧାରାକୁ ଅନୁସରଣ କରିବା ଆରମ୍ଭ କରନ୍ତି, ତାହା ସଭ୍ୟତାର ଅଂଶବିଶେଷ ହୋଇଯାଏ। ଅବଶ୍ୟ ଏହି ସ୍ତରରେ ପହଞ୍ଚିବା ପାଇଁ ବହୁ ସଂଘର୍ଷର ସମ୍ମୁଖୀନ ହେବାକୁ ପଡେ। ଏହା ବୌଦ୍ଧିକ ସଂଘର୍ଷ ହେଲେବି ବେଳେବେଳେ ରକ୍ତାକ୍ତ ସଂଘର୍ଷର ରୂପ ନେଇଥାଏ।

ସଭ୍ୟତାର ବିକାଶ ପଥରେ ବହୁ ସଂଘର୍ଷ ହୋଇଛନ୍ତି। ଏହା ବହୁ ଶତାବ୍ଦୀ ଧରି ଚାଲିଛି। ବହୁ ମାନସ ମନ୍ଥନ ହୋଇଛି। ସଭ୍ୟତାର ମାପକାଠି କଣ ହେବ ? କାହାକୁ ସଭ୍ୟତା କୁହାଯିବା ? ଗୋଟିଏ ସଭ୍ୟ ସମାଜର ଅତ୍ୟାବଶ୍ୟକ ଉପାଦାନ ଗୁଡିକ କଣ ହେବ ? ଏହାକୁ ନେଇ ତର୍କବିତର୍କ ହୋଇଛି। ବହୁ ଚିନ୍ତକ ଲେଖନୀ ଚାଳନା କରିଛନ୍ତି। ବହୁ ସମାଜ ସଂସ୍କାରକ ଅଭିଭାଷଣ ମାଧ୍ୟମରେ ଲୋକଙ୍କୁ ଏ ବିଷୟରେ ବୁଝାଇଛନ୍ତି। କଳାଭାସ୍କର୍ଯ୍ୟର ଶ୍ରେଷ୍ଠତା ପ୍ରଦର୍ଶନ ମାଧ୍ୟମରେ ଏହାର ଅନ୍ୱେଷଣ ହୋଇଛି। ନାଟକର ସଂଳାପରେ ଓ ସଙ୍ଗୀତର ରାଗିଣୀରେ ଏହାକୁ ଅନୁଭବ କରିବାର ଚେଷ୍ଟା ହୋଇଛି। ଅଧିକାର ପାଇଁ ଲଢେଇ କରୁଥିବା ସଂଗ୍ରାମୀଙ୍କ ସ୍ଲୋଗାନରେ ଏହା ପ୍ରତିଧ୍ୱନିତ ହୋଇଛି। ଅବଶେଷରେ ସଭ୍ୟତାର ତିନୋଟି ରନ୍ ଉଦ୍ଭାସିତ ହୋଇଛି। ସେଗୁଡିକ ହେଉଛି ସମାନତା (ଇକ୍ୱାଲିଟି), ସ୍ୱତନ୍ତ୍ରତା (ଲିବାର୍ଟି) ଓ ଭାତୃତ୍ୱଭାବ (ଫ୍ରେଟାରନିଟି)।

ଯେଉଁ ସମାଜରେ ଏହି ତିନୋଟି ଉପାଦାନ ନାହିଁ ତାହାକୁ ଏକ ସୁସଭ୍ୟ ସମାଜ ବୋଲି କହିହେବ ନାହିଁ। ଏଗୁଡିକ ମନୁଷ୍ୟର ଅନ୍ତର୍ନିହିତ ଗୁଣ ଯାହା ସାମାଜିକ ବ୍ୟବହାରରେ ପ୍ରକାଶିତ ହୋଇଥାଏ। ଏହି ଗୁଣ ଗୁଡିକ ମନୁଷ୍ୟକୁ ଅନ୍ୟାନ୍ୟ ପ୍ରାଣୀ ଠାରୁ ପୃଥକ କରିଥାଏ ଓ ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ। ଏଗୁଡ଼ିକ ମାନବୀୟ ମୂଲ୍ୟବୋଧ ସହିତ ଜଡିତ। ଯାହାର ମନରେ ଏହି ଗୁଣ ଗୁଡିକ ସମ୍ବନ୍ଧରେ ଅବଧାରଣା ନାହିଁ, ସେ ଜଣେ ସଭ୍ୟ ମନୁଷ୍ୟଭାବେ ବିବେଚିତ ହୋଇପାରିବ ନାହିଁ। ସଭ୍ୟତା କେବଳ ଚାକଚକ୍ୟ ଘର ଓ ଦାମୀ ପୋଷାକ ପରିଚ୍ଛେଦରେ ନଥାଏ। ଏହା ଏକ ଅନ୍ତର୍ନିହିତ ଭାବନା। ଏହା ଏକ ଗୁଣାତ୍ମକ ଲକ୍ଷଣ। ଜଣେ ହତ୍ୟାକାରୀ ଅଥବା ଡକାୟତ ସୁରମ୍ୟ ଅଟ୍ଟାଳିକା ମଧ୍ୟରେ ଚାକଚକ୍ୟ ପରିବେଶ ଭିତରେ ରହୁଥାଇପାରେ, କିନ୍ତୁ ତାକୁ ଜଣେ ସଭ୍ୟ ମନୁଷ୍ୟ ବୋଲି କୁହାଯାଇ ପାରିବ ନାହିଁ। ଜଣେ ଗରିବ କୁଡିଆ ଘରେ ରହୁଥିଲେ ବି ସେ ତାର ଉତ୍ତମ ବ୍ୟବହାର ଓ ଏହି ମାନବୀୟ ଗୁଣ ଗୁଡିକର ଅନୁସରଣ କରିଆରେ ସୁସଭ୍ୟଭାବେ ବିବେଚିତ ହେବା ସ୍ୱାଭାବିକ।

ୟୁରୋପରେ ଆରମ୍ଭ ହୋଇଥିବା ରେନାଁସାର ଅନ୍ତିମ ନିଷ୍କର୍ଷ ହେଉଛି ସଭ୍ୟତାର ଏହି ତିନି ଉପାଦାନ। ଦୀର୍ଘ ବୌଦ୍ଧିକ ସଂଘର୍ଷ ପରେ ଫରାସୀ ବିପ୍ଳବ ସମୟରେ ଏହି ତିନୋଟି ଶବ୍ଦ ସ୍ଲୋଗାନର ରୂପ ନେଇଥିଲା। ବିପ୍ଳବୀମାନେ ଚାହିଁଥିଲେ ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ଉନ୍ନତ ସମାଜ ଗଠନ କରିବା ପାଇଁ। ଯେଉଁ ସମାଜରେ ସମାନତା, ଭାତୃତ୍ୱଭାବ ଓ ବ୍ୟକ୍ତି ସ୍ୱାଧୀନତା ବିରାଜମାନ ଥିବ। ଏହାପରେ ବିଶ୍ୱବାସୀଙ୍କୁ ମିଳିଯାଇଥିଲା ସଭ୍ୟତାର ମାନକ, ସଭ୍ୟତା ପ୍ରାପ୍ତିର ନିୟମକ। ଯେଉଁ ସମାଜ ଏହି ତିନୋଟି ବିଷୟକୁ ଯେତେ ଅଧିକ ମାତ୍ରାରେ ଅନୁସରଣ କରେ ସେ ସମାଜ ସେତେ ସଭ୍ୟ ଓ ଯେଉଁ ସମାଜ ଏହି ତିନି ଉପାଦାନର ପରିପନ୍ଥୀ ଅଥବା ବହୁ ପଛରେ ସେ ସମାଜ ଅସଭ୍ୟତାକୁ ଡେଇଁ ଆଗକୁ ଯାଇପାରି ନାହିଁ।

ସମାନତାର ଭାବନା ମନୁଷ୍ୟର ମନରେ ଆଜନ୍ମ ସୂତ୍ରରେ ମିଳେ। ଏହା ତାହାର ଆତ୍ମ ସମ୍ମାନ ସହିତ ଜଡିତ। ତେଣୁ ପ୍ରତ୍ୟେକ ମନୁଷ୍ୟ ଜନ୍ମ ହେବା ମାତ୍ରେ ସମାଜରେ ସମାନ ମର୍ଯ୍ୟଦା ପାଇବାକୁ ହକଦାର। ବ୍ୟକ୍ତି ତାହାର ଅଧ୍ୟବସାୟ ବଳରେ ସମାଜରେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରେ, କିନ୍ତୁ ମନୁଷ୍ୟଭାବେ ସମସ୍ତ ମନୁଷ୍ୟ ସମାନ ଏହାହିଁ ମାନବୀୟ ସିଦ୍ଧାନ୍ତ। ଧର୍ମ, ଜାତି, ସମ୍ପ୍ରଦାୟ ଓ ଅଞ୍ଚଳ ନାମରେ ଅସମାନତାକୁ ପ୍ରତିଷ୍ଠା କରାଯାଇ ପାରିବ ନାହିଁ। ଆର୍ଥିକ ଭାବେ ଜଣେ ଧନୀ କିମ୍ବା ଦରିଦ୍ର ହୋଇପାରେ। ଶିକ୍ଷା ଦୃଷ୍ଟିରୁ ଜଣେ ଶିକ୍ଷିତ କିମ୍ବା ଅଶିକ୍ଷିତ ହୋଇପାରେ। କିନ୍ତୁ ସାମାଜିକ ଭାବେ କୌଣସି ବୈଷ୍ୟମ ଗ୍ରହଣୀୟ ନୁହେଁ। ସାମାଜିକ ବୈଷ୍ୟମ ସଭ୍ୟତାର ପରିପନ୍ଥୀ। ଧର୍ମ ନାମରେ ନିଜକୁ ଶ୍ରେଷ୍ଠ ଅନ୍ୟକୁ ନିକୃଷ୍ଟ ବୋଲି କହି ପାରିବ ନାହିଁ। କୌଣସି ସମ୍ପ୍ରଦାୟ ଓ ଅଞ୍ଚଳର ଲୋକମାନେ ନିଜକୁ ଶ୍ରେଷ୍ଠ ଓ ଅନ୍ୟକୁ ନିକୃଷ୍ଟ କହିବା ଅର୍ଥ ସଭ୍ୟତାକୁ ଅସ୍ୱୀକାର କରିବା। ସେହିପରି ଜାତି ନାମରେ କେହି ନିଜକୁ ଶ୍ରେଷ୍ଠ ଓ ଅନ୍ୟମାନଙ୍କୁ ନିମ୍ନତର କହିବା ମଧ୍ୟ ଅସଭ୍ୟତାର ପରିଚାୟକ।

ସଭ୍ୟତାର ଦ୍ୱିତୀୟ ଉପାଦାନ ସ୍ୱାଧିନତା। ଏହା ବ୍ୟକ୍ତି ସ୍ୱାଧୀନତାକୁ ବୁଝାଏ। ମନୁଷ୍ୟର ନିଜସ୍ୱ ଅଧିକାରକୁ ସୂଚୀତ କରେ। ସ୍ୱାଧୀନତା ତାର ଜନ୍ମଗତ ଅଧିକାର। ସ୍ୱାଧୀନତା କହିଲେ ସ୍ୱେଚ୍ଛାଚାରକୁ ବୁଝାଏ ନାହିଁ। ଏହା ଅନ୍ୟର ଅଧିକାରକୁ ସଙ୍କୁଚିତ କରିବାକୁ ବୁଝାଏ ନାହିଁ। ବ୍ୟକ୍ତି ନିଜ ପାଇଁ ଯେଉଁ ସିଦ୍ଧାନ୍ତମାନ ଗ୍ରହଣ କରେ ସେଗୁଡିକ ତାର ସ୍ୱାତନ୍ତ୍ରତାର ଅନ୍ତର୍ଗତ ଅଟେ। ସେ କଣ ଖାଇବ, କଣ ପିନ୍ଧିବ, କେଉଁ ବୃତ୍ତି ଅବଲମ୍ବନ କରିବ, କାହାକୁ ବାହା ହେବ ଇତ୍ୟାଦି ତାର ନିଜସ୍ୱ ଅଧିକାର। ଏହାକୁ ରାଷ୍ଟ୍ର ନା ସମାଜ କେହି ବାରଣ କରିପାରିବେ ନାହିଁ। ଏହାକୁ କୌଣସି ଧର୍ମ ନା ଜାତି ବାଧା ଦେଇପାରିବ। ଯେତେବେଳେ କୌଣସି ଦେଶରେ ଧାର୍ମିକ ମୌଳବାଦୀମାନେ ନିର୍ଣ୍ଣୟ କରନ୍ତି ଲୋକମାନେ କେଉଁ ପ୍ରକାର ପୋଷାକ ପିନ୍ଧିବେ, କଣ ଖାଇବେ, କଣ କରିବେ ଇତ୍ୟାଦି ଏହା ବ୍ୟକ୍ତି ସ୍ୱାତନ୍ତ୍ରତାକୁ କ୍ଷୂର୍ଣ୍ଣ କରେ। ସେହିପରି କୌଣସି ଜାତି ବା ପରିବାରର ଲୋକମାନେ ଯଦି ନିର୍ଣ୍ଣୟ କରନ୍ତି ଜଣେ ଯୁବକ ବା ଯୁବତୀ କାହାକୁ ବାହା ହେବ କିମ୍ବା ତାର ଇଚ୍ଛାକୃତ ବିବାହରେ ବାଧା ସୃଷ୍ଟି କରନ୍ତି ତେବେ ଏହା ମଧ୍ୟ ବ୍ୟକ୍ତି ସ୍ୱାତନ୍ତ୍ରତାକୁ ବ୍ୟାହତ କରେ। ଆମ ଦେଶରେ ଆନ୍ତଃ ଜାତି ବିବାହକୁ ନେଇ ଚାଲିଥିବା ଅନର କିଲିଂ ତଥା ଖାପ୍ ପଞ୍ଚାୟତ ଏହାର ଜ୍ୱଳନ୍ତ ଉଦାହରଣ।

ତୃତୀୟ ଉପାଦାନ ହେଉଛି ଭାତୃତ୍ୱଭାବ। ଏହା ସମସ୍ତଙ୍କ ପାଇଁ ସାମାଜିକ ପ୍ରତିବଦ୍ଧତା। ଏହା ବିନା ସମାଜରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅସମ୍ଭବ। ସମସ୍ତଙ୍କ ମଧ୍ୟରେ ଭାତୃତ୍ୱଭାବ ଯେତେ ନିବିଡ଼ ହୁଏ ସମାଜ ସେତେ ଐକ୍ୟବଦ୍ଧ ହୁଏ। ବିଭେଦ ଓ ବିବାଦ ଆସ୍ତେ ଆସ୍ତେ ଅପସରି ଯାଏ। ବିଶ୍ୱଶାନ୍ତି ପାଇଁବି ଏହା ଜରୁରୀ। ପରସ୍ପରକୁ ଭଲ ପାଇବା ମାନବିକତାର ଅପରିହାର୍ଯ୍ୟ ଅଂଶବିଶେଷ। ଗୋଟିଏ ବିବାଦଗ୍ରସ୍ତ ଓ ବିଭେଦଗ୍ରସ୍ତ ସମାଜକୁ ସଭ୍ୟ ସମାଜ ବୋଲି କହିହେବ ନାହିଁ। ଏପରି ସମାଜ ଦୀର୍ଘସ୍ଥାୟୀ ନୁହେଁ। କାରଣ ବିଶୃଙ୍ଖଳା ଅଧପତନର କାରଣ ହୁଏ। ତେଣୁକରି ପ୍ରତ୍ୟେକ ମାନବବାଦୀ ଧର୍ମରେ ସ୍ନେହ-ମମତା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତୀୟ ଚିନ୍ତନରେ ବସୁଧୈବ କୁଟୁମ୍ବକମ୍ କଥା କୁହାଯାଇଛି। ଭାତୃତ୍ୱଭାବର ପ୍ରସାର ପାଇଁ ଅହିଂସା, ଦୟା ଓ କ୍ଷମାର କଥା କୁହାଯାଇଛି। ମାନବବାଦର ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଛି। ସଭ୍ୟତାର ନିୟାମକ ଭାବେ ଏ ତିନୋଟି ଉପାଦାନ ଆଜି ସର୍ବତ୍ର ଗ୍ରହଣୀୟ। ଆମ ସମସ୍ତଙ୍କ ପାଇଁ ଆତ୍ମ ଚିନ୍ତନର ମାର୍ଗଦର୍ଶକ। ନିଜକୁ ସୁସଭ୍ୟ ବୋଲି ଦାବି କରିବା ପୂର୍ବରୁ ସଭ୍ୟତାର ମାନକରେ ତଉଲିବାର ଅଛି ଓ ଅନୁଭବ କରିବାର ଅଛି ଯେ ଆମେ ପ୍ରକୃତରେ କେତେ ସୁସଭ୍ୟ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ମା’ ବୁଢ଼ୀ ଠାକୁରାଣୀ ମନ୍ଦିର ପୁନରୁଦ୍ଧାରରେ ବିଳମ୍ବ: ଭକ୍ତଙ୍କ ଅସନ୍ତୋଷ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଅଧିଷ୍ଠାତ୍ରୀ ଦେବୀ ମା’ ବୁଢ଼ୀ ଠାକୁରାଣୀ ମନ୍ଦିରର ପୁନଃରୁଦ୍ଧାର କାର୍ଯ୍ୟ ଅବଧି ଶେଷ ହୋଇସାରିଛି । ଏଥିସହ ୭ ମାସରୁ ଅଧିକ ଅତିରିକ୍ତ ସମୟ ବିତିଯାଇଛି । ତଥାପି ମଧ୍ୟ ଏ ପର୍ଯ୍ୟନ୍ତ ମା’ଙ୍କ ମନ୍ଦିର ପୁନଃରୁଦ୍ଧାର କାର୍ଯ୍ୟ ସରିବାରେ ନାନେଉନି । ନିର୍ମାଣ କାର୍ଯ୍ୟରେ ଧିମା କାରଣରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପୂର୍ବତନ ତଥା ବିଜେଡ଼ି ସରକାର ସମୟରେ ମା’ ବୁଢ଼ୀ ଠାକୁରାଣୀ ମନ୍ଦିରର ପୁନଃରୁଦ୍ଧାର କାର୍ଯ୍ୟ କରିବା ନିମନ୍ତେ ନିଷ୍ପତି ନିଆଯାଇଥିଲା । ସ୍ୱାନ୍ ଇନ୍‌ଫ୍ରା ବିଲ୍ଡ଼ର୍ସ ନାମକ ଏକ ସଂସ୍ଥାକୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଦିଆଯାଇଥିବା ବେଳେ ୧୮ ମାସ ମଧ୍ୟରେ ଅର୍ଥାତ୍ ଗତ ୨୦୨୫ ମସିହା ଜୁଲାଇ ୧୭ ତାରିଖ ସୁଦ୍ଧା ଉକ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଏଥିପାଇଁ ୧୭ କୋଟି ୫୯ ଲକ୍ଷ ୧୨ ହଜାର ୧୪୫ ଟଙ୍କା ଅଟକଳ ହୋଇ ବ୍ୟୟ ମଞ୍ଜୁର ହୋଇଛି । ଭକ୍ତ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ହାତ ଓ ପାଦ ଧୋଇବା ପାଇଁ ପାଣିର ବ୍ୟବସ୍ଥା, ପ୍ରେକ୍ଷାଳୟ ଆଦି ନିର୍ମାଣ କରାଯିବାକୁ ନିଷ୍ପତି ହୋଇଥିଲା । ଏଥିସହ ବିଭିନ୍ନ କାର୍ଯ୍ୟରେ ବ୍ୟବହାର ପାଇଁ ହଲ୍, ପୂଜକଙ୍କ ପାଇଁ ଗୃହ, ମନ୍ଦିରର ରୋଷେଇଘର, ଭୋଗମଣ୍ଡପ ମଧ୍ୟ ନିର୍ମାଣ ନିମନ୍ତେ ଯୋଜନା ରହିଥିଲା । ମନ୍ଦିରକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଆଲୋକସଜ୍ଜା ବ୍ୟବସ୍ଥା ରହିବ । ସେହିପରି ମନ୍ଦିରକୁ ଯାଇଥିବା ରାସ୍ତାର ଉନ୍ନତିକରଣ, ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା, ଶୌଚାଳୟ, ଲ୍ୟାଣ୍ଡସ୍କେପିଂ ସହିତ ବୃକ୍ଷରୋପଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ନିଷ୍ପତି ହୋଇଥିଲା । ମନ୍ଦିରର ପୁନଃରୁଦ୍ଧାର କାର୍ଯ୍ୟ ସମୟରେ ମା’ଙ୍କ ଗର୍ଭଗୃହକୁ ଭଙ୍ଗା ନଯାଇ ଏହାର ସୁରକ୍ଷା ନିମନ୍ତେ ଚତୁଃପାର୍ଶ୍ୱରେ ଲୁହାର ଛାଉଣି ଦିଆଯାଇ କାର୍ଯ୍ୟ ହେବ । ମନ୍ଦିର ନିର୍ମାଣ କାର୍ଯ୍ୟକୁ ଓ ଚତୁଃପାର୍ଶ୍ୱର ଉନ୍ନତିକରଣ କାର୍ଯ୍ୟ ସରିବା ପରେ ମନ୍ଦିରର ଗର୍ଭଗୃହର ବିକାଶ କରାଯିବାର କାର୍ଯ୍ୟକ୍ରମ ରହିଛି । କିନ୍ତୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ କାର୍ଯ୍ୟରୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ ହୋଇପାରୁନାହିଁ । ଏଇ ମଧ୍ୟରେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର ଏକାଧିକ ଥର ମନ୍ଦିର ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ କହିଥିଲେ । ବର୍ତ୍ତମାନ କାର୍ଯ୍ୟ ଜାରି ରହିଥିବା ବେଳେ ଅନେକ ପୁନଃରୁଦ୍ଧାର କାର୍ଯ୍ୟ ବାକି ରହିଥିବା ଦେଖିବାକୁ ମିଳିଛି । ସେହିପରି ମନ୍ଦିରର ଚତୁଃପାର୍ଶ୍ୱକୁ ଭଙ୍ଗା ଯାଇଥିବାବେଳେ ପ୍ରତିଦିନ ଶତାଧିକ ଭକ୍ତ ମନ୍ଦିରକୁ ଆସି ମା’ଙ୍କ ଦର୍ଶନ କରିବା ସହ କିଛି ସମୟ ମନ୍ଦିର ପରିସରରେ ବସି ଆରାଧନା କରିବା ବାଧା ଉପୁଜିଛି । ଅନ୍ୟପକ୍ଷରେ ଚଳିତ ବର୍ଷ ଏପ୍ରିଲ୍ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବ୍ରହ୍ମପୁର-୧ ରାସ୍ତା ଓ କୋଠାବାଡ଼ି ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ସୋମନାଥ ତ୍ରିପାଠୀ କହିଛନ୍ତି ।

# ବୁରକଟା ଯାତ୍ରୀ ବିଶ୍ରାମାଗାର ଏବେ ପାଲଟିଛି ମଦୁଆଙ୍କ ଆଡ୍ଡ଼ାସ୍ଥଳୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**




ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଛକରେ ଥିବା ଯାତ୍ରୀ ବିଶ୍ରାମାଗାରଟି ଏବେ ପରିତ୍ୟକ୍ତ ଓ ବିପଦସଂକୁଳ ଅବସ୍ଥାରେ ରହିଛି । ସୂଚନାଥାଉକି ବୁରକଟା, ମକୁନ୍ଦପୁର, ମଝିଆଁଘରା, ଗୁଡିଆଳି, ଚଣ୍ଡୀତଳ ଆଦି ଗାଁର ଲୋକେ ଓ ଛାତ୍ରଛାତ୍ରୀ ସ୍କୁଲ କଲେଜ ଏବଂ ବିଭିନ୍ନ ସ୍ଥାନକୁ ଯିବାପାଇଁ ବୁରକଟା ଛକରେ ଯାନବାହନକୁ ଅପେକ୍ଷା କରିଥାନ୍ତି । ତେଣୁ ଯାତ୍ରୀଙ୍କ ସୁବିଧା ପାଇଁ ୧୯୯୩-୯୪ ଆର୍ଥିକ ବର୍ଷରେ ଏସ୍‌ଜିଆର୍‌ୱାଇ ଯୋଜନାରେ ୩୦ ହଜାର ଟଙ୍କାରେ ଏହା ନିର୍ମାଣ କରାଯାଇଥିଲା । ମାତ୍ର ଏହାର ପାଖଦେଇ ଜାତୀୟ ରାଜପଥ ୫୭ ରାସ୍ତା ନିର୍ମାଣ ବେଳେ ରାସ୍ତା ଉଚ୍ଚା କରିଦିଆଯାଇଥିବା ବେଳେ ବିଶ୍ରାମାଗାରଟି ଖାଲୁଆ ସ୍ଥାନରେ ରହିଗଲା । ଯାହାଫଳରେ ବର୍ଷା ଦିନେ ବର୍ଷା ପାଣି ଭିତରକୁ ପଶେ । ଫଳରେ ସେଠାରେ ଅପେକ୍ଷାରତ ଯାତ୍ରୀ ଗାଡ଼ି ଆସିଲେ ପାଣି ଦେଇ ରାସ୍ତା ଉପରକୁ ଉଠିବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପୁଣି ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ବିଶ୍ରାମାଗାରଟି ଭାଙ୍ଗିରୁଜି ଯିବା ସହ ଏହା ଏବେ ନିଶାସକ୍ତଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ତେଣୁ ବାଧ ହୋଇ ଯାତ୍ରୀମାନେ ଖରା, ବର୍ଷା, ଶୀତରେ ଖୋଲା ଆକାଶ ତଳେ ରାସ୍ତା କଡ଼ରେ ଗାଡ଼ିକୁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି । ବ୍ଲକ୍‌ରେ ମୋ ବସ୍‌ସେବା ଏହି ରାସ୍ତା ଦେଇ ଜହ୍ନାପଙ୍କ, ସାହାଜପାଲ, ବାଉଁଶୁଣି, ମୁଣ୍ଡାପଡ଼ା, ଖଜୁରିପଡ଼ା, ବ୍ରାହ୍ମଣୀପାଲି ଆଦି ସ୍ଥାନକୁ ପ୍ରତିଦିନ ଚଳାଚଳ କରୁଛି । ଏହି ବସ୍ ସେବା ଆରମ୍ଭ ପୂର୍ବରୁ ବିଭିନ୍ନ ଛକରେ ଥିବା ଯାତ୍ରା ବିଶ୍ରାମାଗାର ଉନ୍ନତୀକରଣ ହୋଇଥିଲା କିନ୍ତୁ, ବିଭାଗର ଅବହେଳା ଯୋଗୁଁ ଏହି ବିଶ୍ରାମାଗାର ସେଥିରୁ ବାଦ୍ ପଡ଼ିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ସନ୍ଧ୍ୟା ହେଲେ ମଦୁଆଙ୍କ ଆଡ୍ଡା ଜମୁଛି । ମଦ୍ୟପଙ୍କ ଯୋଗୁଁ ରାତିରେ ବସ୍‌ରୁ ଯାତ୍ରୀ ଓହ୍ଲାଇବାକୁ ଭୟ କରୁଛନ୍ତି । ଅନ୍ୟପକ୍ଷରେ ସ୍ଥାନୀୟ ଫାଣ୍ଡିରେ ଗାଡ଼ି ନଥିବାରୁ ପାଟ୍ରୋଲିଂ କରିବାରେ ସମସ୍ୟା ସୃଷ୍ଟି ହେଉଛି ।

## ବାବା ଝାଡ଼େଶ୍ୱର ପୀଠର ବିକାଶ ପାଇଁ ଆରମ୍ଭ ହେଲା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାର ଆରାଧ୍ୟ ଦେବତା ବାବା ଝାଡ଼େଶ୍ୱର ମନ୍ଦିରର ସର୍ବାଙ୍ଗୀନ ବିକାଶ ଏବଂ ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ ପାଇଁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ମନ୍ଦିରର ମହିମା ଏବଂ ପର୍ଯ୍ୟଟନର ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ୪.୭ କୋଟି ଟଙ୍କାର ବୃହତ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହି ବିକାଶମୂଳକ କାର୍ଯ୍ୟ ମଧ୍ୟରେ ମନ୍ଦିରର ସୌନ୍ଦର୍ଯ୍ୟକରଣ ସହ ଏକ ଅତ୍ୟାଧୁନିକ ଇକୋ-ପାର୍କ ଏବଂ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଉଛି । ଏହି ପ୍ରକଳ୍ପ ଅଧୀନରେ ମନ୍ଦିର ପରିସରରେ ୪ଟି ସୁସଜ୍ଜିତ ମଣ୍ଡପ, ପର୍ଯ୍ୟଟକଙ୍କ ପାଇଁ ଆରାମଦାୟକ ବିଶ୍ରାମ ଗୃହ, ପଥଚାରୀଙ୍କ ପାଇଁ ସୁନ୍ଦର ଓ୍ୱାକ-ୱେ ଏବଂ ଶିଳ୍ପକଳାର ପ୍ରଦର୍ଶନ ପାଇଁ ଏକ ସ୍ୱତନ୍ତ୍ର ପାର୍କ ନିର୍ମାଣ କରାଯିବ । ପରିବେଶକୁ ଆହୁରି ମନୋରମ କରିବା ପାଇଁ ଏଠାରେ ଆକର୍ଷଣୀୟ ଫାଉଣ୍ଟେନ୍ ସ୍ଥାପନ କରାଯିବା ସହ ମନ୍ଦିର ନିକଟସ୍ଥ ଜଳାଶୟର ପୁନରୁଦ୍ଧାର ଓ ବିକାଶ କରାଯିବ । ବିଧାୟକ ଶ୍ରୀ ତ୍ରିପାଠୀ ଏହି ଅବସରରେ ମନ୍ଦିର କମିଟି ଓ ବିଭାଗୀୟ ଅଧିକାରୀଙ୍କ ସହ ଆଗାମୀ ମହାଶିବରାତ୍ରିକୁ କିପରି ଅଧିକ ଆକର୍ଷଣୀୟ ଭାବେ ପାଳନ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୨୦୨୫ ମସିହା ଜାନୁଆରୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାଡ଼େଶ୍ୱର ମନ୍ଦିର ପରିଦର୍ଶନ କରିବା ସହ ଏହାର ବିକାଶ ପାଇଁ ୨ କୋଟି ଟଙ୍କା ଘୋଷଣା କରିଥିଲେ । ପରବର୍ତ୍ତୀ ସମୟରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହା ସହିତ ମହାନଦୀ କୋଇଲା ଖଣି ପକ୍ଷରୁ ମଧ୍ୟ ମନ୍ଦିରର ବିକାଶ ପାଇଁ ୨ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି । ସମସ୍ତ ପାଣ୍ଠିକୁ ବିନିଯୋଗ କରି ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ କାର୍ଯ୍ୟ ଆରମ୍ଭ ହୋଇଛି ।

## ଜୁଆଙ୍ଗ କିଶୋରୀଙ୍କ ଅପପୁଷ୍ଟି ଦୂର ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ‘ରେନ୍‌ବୋ ଡାଏଟ୍’ କାର୍ଯ୍ୟକ୍ରମ




**କେନ୍ଦୁଝର, ନ୍ୟୁଜ୍**

ଜୁଆଙ୍ଗ ଜାତିର ଶିଶୁ ଓ କିଶୋରୀମାନଙ୍କ ମଧ୍ୟରେ ପୁଷ୍ଟି ସୁରକ୍ଷା ବୃଦ୍ଧି କରିବା ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ରେନବୋ ଡାଏଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଗୋନାସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୮୨ ଜଣ କିଶୋରୀଙ୍କୁ ନେଇ କ୍ୟାମ୍ପେନ୍ ଅଂଶ ଭାବେ “ଥ୍ରି ମସ୍କେଟିଅର୍ସ ସ୍ୱିଟ୍ ପୋଟେଟୋ (3M-SP)” କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଆଇସିଏଆର୍-ସିଟିସିଆରଆଇ ଭୁବନେଶ୍ୱରର ଆଞ୍ଚଳିକ କେନ୍ଦ୍ର ମୁଖ୍ୟ ଡ଼ା. ଏମ୍. ନେଦୁନଚେଜିୟନ, କେନ୍ଦୁଝର ଉଦ୍ୟାନକୃଷି ସହାୟକ ନିର୍ଦ୍ଦେଶକ ଜି. ସି. ମେହେର, ପ୍ରଧାନ ବୈଜ୍ଞାନିକ ଏବଂ ପ୍ରଧାନ ଅନୁସନ୍ଧାନକାରୀ ଡା. ପି. ସେଥୁରାମନ୍ ଶିବକୁମାର, ବିଦ୍ୟାଳୟର ପ୍ରଧାନଶିକ୍ଷକ ତାରିଣୀନନ୍ଦ ସେଠୀ ସହ ଆଇସିଏଆର୍-ସିଟିସିଆରଆଇ ଏବଂ କିଟ୍, ଭୁବନେଶ୍ୱରର ଅଧିକାରୀଗଣ କାର୍ଯ୍ୟକ୍ରମରେ ଉପସ୍ଥିତିରେ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ । ଡିଏମ୍‌ଏଫ୍ କେନ୍ଦୁଝରର ବରିଷ୍ଠ ପ୍ରକଳ୍ପ ପ୍ରବନ୍ଧକ ନମିତା ଦାସ । କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍‌ର ଡାକ୍ତରମାନେ ଶିଶୁମାନଙ୍କ ଅପପୁଷ୍ଟି, ରକ୍ତହୀନତା ତଥା ମାଇକ୍ରୋନ୍ୟୁଟ୍ରିଏଣ୍ଟ ଅଭାବକୁ ଖାଦ୍ୟ ଆଧାରିତ ପଦକ୍ଷେପ ଦ୍ୱାରା କିପରି ଦୂର କରାଯାଇପାରିବ ସେ ବିଷୟରେ ସଚେତନ କରିଥିଲେ । ଏଥିରେ ପ୍ରତ୍ୟେକ ଛାତ୍ରୀଙ୍କୁ ଧଳା, କମଳା ଏବଂ ଗଦାଯୁକ୍ତ କନ୍ଦମୂଳର ତିନିଟି ଚାରା ଦିଆଯାଇଥିଲା । ଯାହାକୁ ବିଦ୍ୟାଳୟର ପୋଷଣ ଉଦ୍ୟାନରେ ରୋପଣ କରାଯାଇଛି । ଛାତ୍ରୀମାନେ ୧୦୦ ଦିନ ପର୍ଯ୍ୟନ୍ତ ଏହି ଫସଲକୁ ଚାଷ କରିବେ ଏବଂ ପରେ ଯେଉଁ ଛାତ୍ରୀମାନଙ୍କର ଚାରା ଉତ୍କୃଷ୍ଟ ଫଳ ଦେଇଥିବ ସେମାନଙ୍କୁ ସମ୍ମାନିତ କରାଯିବ । ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଏହି ପଦକ୍ଷେପ ଜୁଆଙ୍ଗ ଜାତିର ଶିଶୁମାନଙ୍କ ମଧ୍ୟରେ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ ।

# କେନ୍ଦ୍ରାପଡା ଜିଲ୍ଲାକୁ ମିଳିଲା ୭ ନୂଆ ଆମ୍ବୁଲାନ୍ସ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ଜରୁରୀ କାଳୀନ ସ୍ୱାସ୍ଥ୍ୟସେବା ପାଇଁ ୭ ନୂଆ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିବା ଜଣାପଡିଛି । ଏଥିରୁ ରାଜକନିକା ସିଏସ୍‌ସିକୁ ଗୋଟିଏ, ଆଳିକୁ ୨ଟି, ପଟ୍ଟାମୁଣ୍ଡାଇ, ରାଜନଗର, ଡେରାବିଶ ଓ ପାଟକୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଟିଏ ଲେଖାଏଁ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି । ଜିଲ୍ଲାରେ ମୋଟ୍ ୩୯ଟି ୧୦୮ ଆମ୍ବୁଲାନ୍ସ ଓ ୨ଟି ବୋଟ୍ ଆମ୍ବୁଲାନ୍ସ ସମୁଦାୟ ୪୧ଟି କାର୍ଯ୍ୟରେ ଲାଗୁଥିବା ବେଳେ ସେଥିମଧ୍ୟରୁ ପୁରୁଣା ଓ ଅକାମୀ ହୋଇଯାଇଥିବା ୭ଟି ଆମ୍ବୁଲାନ୍ସ ବଦଳରେ ଏହି ୭ଟି ଆମ୍ବୁଲାନ୍ସକୁ କାର୍ଯ୍ୟରେ ଲଗାଇବା ପାଇଁ ଯୋଗାଇ ଦିଆଯାଇଥିବା ଜଣାପଡିଛି । ଜିଲ୍ଲାପାଳ ରଘୁରାମ ଆର୍ ଆୟାର୍ ଏହି ଆମ୍ବୁଲାନ୍ସ ଗୁଡିକୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂପୃକ୍ତ ଚିକିତ୍ସାଳୟ ମାନଙ୍କୁ ଯୋଗାଇ ଦେଇଥିଲେ ।

# ପାଇପ୍‌ରେ ଆସୁଛି ଦୂଷିତ ପାଣି

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**



ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ତୁକୁଲା ଗ୍ରାମ ପଞ୍ଚାୟତରେ ବିଶୁଦ୍ଧ ପାଣି ଟୋପେ ପାଇଁ କରିବାକୁ ପଡୁଛି ସଂଘର୍ଷ । ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି । ସେଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ତାହା ତୁକୁଲା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ପାଇଁ ଫେଲ୍ ମାରିଥିବା ଦେଖିବାକୁ ମିଳିଛି । ନଦୀର ଜଳ ଯୋଗାଣ ସ୍ଥାନ ପରିତ୍ୟକ୍ତ ଅବସ୍ଥା ଥିବାବେଳେ ଅପରିଷ୍କାର ପରିବେଶରୁ ପାଣି ଯୋଗାଣ ହୋଇ ଲୋକେ ନାନାଦି ରୋଗର ଶିକାର ହେଉଥିବା ଅଭିଯୋଗ ହୋଇଛି । ଖଡ଼ିଆଳ ବ୍ଲକ ତୁକଲା ଗ୍ରାମ ପଞ୍ଚାୟତର ତୁକୁଲା, ମାଲପଡା, ଡୁଙ୍ଗରିପାଲି, ଖଇରଭାଡି ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିକଟସ୍ଥ ସୁନ୍ଦର ନଦୀରୁ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି । ହେଲେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପରିବର୍ତ୍ତେ ଏହିସବୁ ଗାଁକୁ ଅପରିଷ୍କାର ପାଣି ଯୋଗାଉଥିବା ଭଳି ସଂଗୀନ ଅଭିଯୋଗ ଆଣିଛନ୍ତି ସମୂହ ଗ୍ରାମବାସୀ । ତୁକୁଲା ନଦୀ ତୁଠରେ ତିଆରି ହୋଇଥିବା ପାଣିପମ୍ପ କୂଅ, ଯେଉଁଠୁ ପାଣି ଗାଁକୁ ଯାଉଛି ସେହି ସ୍ଥାନର ପାଇପ୍‌ର ଗ୍ୟାଲେରୀ ଗତ ବନ୍ୟାରେ ଭାଙ୍ଗି ଯାଇଥିଲା । ଫଳରେ ମଣିଷ ଶୌଚଠୁ ନେଇ ପଶୁପକ୍ଷୀଙ୍କ ମଳମୂତ୍ର ଭଳି ଅଳିଆ ଆବର୍ଜନା ପାଣି ଗାଁକୁ ଯାଉଛି । ସେହିପରି ପାଖରେ ଥିବା ଟ୍ୟାଙ୍କ ଖୋଲାମେଲା ଥିବାରୁ ଅସାମାଜିକ ବ୍ୟକ୍ତି ଅନେକ ପ୍ରକାର ନିଶା ସେବନ କରି ସେହି ବୋତଲକୁ କୂଅରେ ଫିଙ୍ଗୁଥିବା ଭଳି ଅଭିଯୋଗ ହେଉଛି । ଆଗାମୀ ଦିନରେ କୌଣସି ଅସାଧୁ ବ୍ୟକ୍ତି ଯେକୌଣସି ବଡ଼ ଅଘଟଣ ନଘଟାଇବେ ତାହା କିଏ କହିବ ବୋଲି ଗ୍ରାମବାସୀ କହିଛନ୍ତି । ତୁକୁଲା ଗ୍ରାମ ପଞ୍ଚାୟତ ବାସୀଙ୍କ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଓଭର୍ ହେଡ୍ ଟ୍ୟାଙ୍କ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଏଠାରେ ଥିବା ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । କୂଅଟି ମୁକୁଳା ରହିଥିବା କାରଣରୁ ବର୍ଜ୍ୟବସ୍ତୁ ଜମି ରହି ଦୁର୍ଗନ୍ଧ ସହ ପୋକ, ମଶା, ମାଛି ଆଦି ବଂଶ ବିସ୍ତାର କରୁଛନ୍ତି । ସେହି ପାଣି ପାଇପ୍‌ରେ ଗାଁକୁ ଯୋଗାଣ ହୋଇ ଲୋକେ ସେବନ କରୁଥିବା ହେତୁ ଝାଡ଼ାବାନ୍ତି ହେବା ସହ ଡାଇରିଆରେ ଲୋକେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି । ଏ ସମ୍ପର୍କରେ ଗ୍ରାମର ଲୋକେ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ କରିଆସୁଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରୁନାହିଁ । ଫଳରେ ଅନ୍ୟ କୌଣସି ଉପାୟ ନପାଇ ଗ୍ରାମବାସୀ ସେହି ପାଣିକୁ ବ୍ୟବହାର କରୁଥିବା କହିଛନ୍ତି । ତୁରନ୍ତ ଏହି ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ଆମେ ଖଡ଼ିଆଳ ବିଡ଼ିଓ ମିଳନ ଝାଙ୍କରଙ୍କୁ ପଚାରିବାରୁ ତୁରନ୍ତ ଏହାର ତଦନ୍ତ କରି ସମସ୍ୟାର ସମାଧାନ କରିବୁ ବୋଲି ପ୍ରତିଶୃତି ଦେଇଛନ୍ତି ।

# ପ୍ରହସନ ପାଲଟିଛି ପଲିଥିନ୍ କଟକଣା:ପ୍ରଶାସନ ଚଡ଼ଉ କରିବାକୁ ଦାବି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**



ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀରୁ ଓଡ଼ିଶା ସରକାର ପଲିଥିନ୍ ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଥିଲେ । ଉଦ୍ଦେଶ୍ୟ ଥିଲା ପଲିଥିନ୍‌ର ବିପଦଜ୍ଜନକ ବ୍ୟବହାରକୁ ରୋକିବା । କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା କୋରାପୁଟ ଜିଲ୍ଲାରେ ପ୍ରହସନ ପାଲଟିଛି । ବିଭିନ୍ନ ଦୋକାନ, ବଜାରରେ ପଲିଥିନ୍ ଖୁଲମ୍‌ଖୁଲ୍ଲା ବିକ୍ରି ଚାଲିଛି । ମଝିରେ ମଝିରେ ଔପଚାରିକତା ପୂରଣ ପାଇଁ ଚଢଉ କରାଯାଉଛି । ଆଗକୁ ଏଥିପ୍ରତି ଧ୍ୟାନ ଦିଆନଗଲେ ଯଥା ପୂର୍ବଂ ତଥା ପରଂ ସ୍ଥିତି ସୃଷ୍ଟି ହେବା ଅବଶ୍ୟମ୍ଭାବୀ ବୋଲି ଆଲୋଚନା ହେଉଛି । ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ ସେପ୍ଟେମ୍ବର ୩୦ରେ ପଲିଥିନ୍ ବ୍ୟାନ୍ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରାଯାଇଥିଲା । ଏଥିରେ ଉଲ୍ଲେଖ ଥିଲା ଯେ, ଯେଉଁ ପଲିଥିନ୍ ଗୁଡିକ ଠିକ୍ ଭାବେ ନଷ୍ଟ ଅର୍ଥାତ୍ ଖତ ହୋଇପାରୁଛି ସେଗୁଡିକ ବ୍ୟବହାର ଉପଯୋଗୀ । ଅବଶିଷ୍ଟ ପଲିଥିନ୍ ବ୍ୟବହାର ଉପଯୋଗୀ ନୁହେଁ । ତେଣୁ ଏହି ପଲିଥିନ୍ ଗୁଡିକର ଉତ୍ପାଦନ ହୋଇପାରିବନାହିଁ । ଯଦି କେଉଁଠି ରହିଯାଇଛି ତେବେ ତାହାର କିଣା, ବିକା ଉପରେ ଅଙ୍କୁଶ ଲଗାଯାଇଛି । ଏପରିକି ପ୍ଲାଷ୍ଟିକ୍ ଥାଳି, ଚାମଚ, ଗିନା, କପ୍, ପ୍ଲେଟ୍, ଗ୍ଲାସ୍ ଆଦି ମଧ୍ୟ ବ୍ୟବହାର ହୋଇପାରିବନାହିଁ । ଯେଉଁ ପଲିଥିନ୍‌ର ସ୍ଥୁଳତା (ଥିକ୍‌ନେସ୍) ୫୦ ମାଇକ୍ରନ୍ ତଳକୁ ଥିବ ତାହା ବ୍ୟବହାର ଉପଯୋଗୀ ନୁହେଁ । କେବଳ କ୍ଷୀର କିମ୍ବା ଅନ୍ୟ ଔଷଧୀୟ ସାମଗ୍ରୀ ରଖିବା ପାଇଁ ଉପଯୁକ୍ତ ମାନର ପଲିଥିନ୍ ବ୍ୟବହାର କରାଯାଇପାରେ । ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲା । ଏହି କଟକଣା ଲାଗୁପରେ ଜିଲ୍ଲାରେ ପ୍ରଥମେ କିଛି ଦିନ ନିର୍ଦ୍ଦେଶନାମାକୁ ଠିକ୍ ଭାବେ ପାଳନ କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ତାହା ଫାଇଲ୍ ଭିତରେ ଚାପି ହୋଇଯାଇଛି । ବିଶେଷକରି କୋରାପୁଟ ଜିଲ୍ଲାର ଜୟପୁର ସହର, କୋଟପାଡ, ସେମିଳିଗୁଡା, ବୈପାରିଗୁଡା, ବୋରିଗୁମ୍ମା, କୋରାପୁଟ, କୁନ୍ଦୁରାରେ ଅବାଧରେ ଚାଲିଛି ପଲିଥିନ୍ ବିକ୍ରି । ପାନ ଦୋକାନ ଠାରୁ ଆରମ୍ଭ କରି ରାସନ ଦୋକାନ, କ୍ଷେସନାରୀ ଦୋକାନ, ଜଳଖିଆ ଦୋକାନ, ପରିବା ଦୋକାନ ମାନଙ୍କରେ ବହୁଳ ମାତ୍ରାରେ ପଲିଥିନ୍ କାରବାର ଖୋଲାଖୋଲି ଚାଲିଛି । ପଲିଥିନ୍‌ରେ ବରା, ପିଆଜି, ଉପମା, ତରକାରି, ଗୁପ୍‌ଚୁପ୍, ଚାଟ୍, ଚାଓମିନ୍ ଧରି ଲୋକମାନେ ଯାଉଥିବାବେଳେ ସବୁଠାରୁ ବଡ କଥା ହେଲା ମନ୍ଦିରରେ ଅନ୍ନ ଭୋଗ ବିକ୍ରୟ କରାଯାଉଛି । ସେଠାରେ ପଲିଥିନ୍‌ରେ ଅନ୍ନ, ଡାଲି, ଡାଲମା, ବେସର, ଖଟା, ତରକାରି ପଲିଥିନ୍‌ରେ ଦିଆଯାଉଛି । ପଲିଥିନ୍‌ରେ ଭୋଗ ସାମଗ୍ରୀ ସହ ଫୁଲ, ଫଳ କଦଳୀ, କାକୁଡି, ଲେମ୍ବୁ ଓ ଇଲେକ୍ଟ୍ରି ସାମଗ୍ରୀ ସବୁ ଦିଆଯାଉଛି । ମାଛ ଦୋକାନରେ ପଲିଥିନ୍‌ରେ ମାଛ ଓ ଅଣ୍ଡା ଦୋକାନରେ ଅଣ୍ଡା ଦିଆଯାଉଥିବା ବେଳେ ଚା’ ଦୋକାନରେ ଚା’ ମଧ୍ୟ ପଲିଥିନ୍‌ରେ ଗ୍ରାହକଙ୍କୁ ଦିଆଯାଉଛି । ସାହି ଗଳି କନ୍ଦି ଓ ଛକ ମାନଙ୍କରେ ପଲିଥିନ୍ ପଡିଥିବାର ଦେଖାଯାଉଛି । ରାଜ୍ୟ ସରକାର ପ୍ରଥମେ ଯେତେବେଳେ ପଲିଥିନ୍ ବ୍ୟାନ୍ ଘୋଷଣା କରିଥିଲେ, ସେତେବେଳେ କିଛିଦିନ ଏହାର ବ୍ୟବହାର ଉପରେ ଅଙ୍କୁଶ ଲାଗିଥିଲା । ପରବର୍ତ୍ତୀ ସମୟରେ ପୂର୍ବପରି ପଲିଥିନ୍ ବ୍ୟବହାର ହେବାରେ ଲାଗିଛି । ସରକାର ପଲିଥିନ୍ ଉତ୍ପାଦନ ଉପରେ ଅଙ୍କୁଶ ଲଗାଉନଥିବାରୁ କାରବାର ବନ୍ଦ ହୋଇପାରୁନାହିଁ । ଅନ୍ୟପକ୍ଷରେ ଜୟପୁର ସହରରେ ପୌରସଂସ୍ଥା ପକ୍ଷରୁ ପଲିଥିନ୍ ବନ୍ଦ ପାଇଁ ଏନ୍‌ଫୋର୍ସମେଣ୍ଟ କମିଟି ଗଠନ କରାଯାଇଥିଲା । କିନ୍ତୁ ଏହା କେବଳ କାଗଜ କଲମରେ ସୀମିତ ବୋଲି କୁହାଯାଉଛି । ଚଢଉ ହେଉନଥିବାରୁ ପଲିଥିନ୍ ପୂର୍ବପରି ବ୍ୟବହୃତ ହୋଇଚାଲିଛି । ଏନେଇ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏନେଇ ପ୍ରଶାସନ ତରଫରୁ ଚଢ଼ଉକୁ ଜୋର୍‌ସୋର୍ କରିବାକୁ ଦାବି ହୋଇଛି ।

## ପଦଯାତ୍ରା ମାଧ୍ୟମରେ ଏକତା ଓ ଭାଇଚାରାର ସନ୍ଦେଶ

**ଘଟଗାଁ, ନ୍ୟୁଜ୍ ବ୍ୟୁରୋ**

ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଘଟଗାଁ ବ୍ଲକରେ ବ୍ଲକ ସ୍ତରୀୟ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି । ଦେଶର ଏକତା, ଅଖଣ୍ଡତା ଓ ସାମାଜିକ ସମନ୍ୱୟକୁ ମଜବୁତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ପଦଯାତ୍ରା ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ସଚେତନତା ସୃଷ୍ଟି କରିଛି । ଏହି ଏକତା ପଦଯାତ୍ରା ଘଟଗାଁ ବ୍ଲକ ପରିସରରୁ ଆରମ୍ଭ ହୋଇ ଘଟଗାଁ ନୂତନ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଅଖିଳ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ସ୍ମରଣ କରିଥିଲେ । ତାଙ୍କ ଆଦର୍ଶକୁ ଅନୁସରଣ କରି ଆମେ ସମସ୍ତେ ଏକତାର ସୂତ୍ରରେ ବାନ୍ଧି ରହିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଘଟଗାଁ ବିଡିଓ ଖଗେଶ୍ୱର ବରାଳ ଉପସ୍ଥିତ ରହି ସାମାଜିକ ସମନ୍ୱୟ ଓ ତୃଣମୂଳ ସ୍ତରରେ ଏକତା ସୃଷ୍ଟିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ପ୍ରଶାସନ ଓ ଜନପ୍ରତିନିଧି ଯଦି ଲୋକଙ୍କ ସହ ସିଧାସଳଖ ଭାବେ ଯୋଗାଯୋଗରଖନ୍ତି, ତେବେ ସାମାଜିକ ସମସ୍ୟାର ସମାଧାନ ସହଜ ହୋଇପାରିବ । ପଦଯାତ୍ରାରେ ବହୁ ସଂଖ୍ୟାରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, କଲେଜ ଛାତ୍ର-ଛାତ୍ରୀ, ସରକାରୀ କର୍ମଚାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ । ମହିଳାମାନେ ଏକତା ଓ ନାରୀ ସଶକ୍ତିକରଣ ସମ୍ପର୍କିତ ସନ୍ଦେଶ ଦେଇ ସମାଜରେ ସକାରାତ୍ମକ ପରିବର୍ତ୍ତନର ଆହ୍ୱାନ ଜଣାଇଥିଲେ । କଲେଜ ଛାତ୍ର-ଛାତ୍ରୀମାନେ ଯୁବପିଢ଼ୀଙ୍କ ଭୂମିକା ଉପରେ ଆଲୋକପାତ କରି ଦେଶର ଭବିଷ୍ୟତ ଗଢ଼ିବାରେ ଏକତା ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ । ନୂତନ ବସ୍‌ଷ୍ଟାଣ୍ଡରେ ପହଞ୍ଚି ପଦଯାତ୍ରାର ସମାପନ ହୋଇଥିଲା । ସେଠାରେ ସଂକ୍ଷିପ୍ତ ସଭା ଆୟୋଜିତ ହୋଇ ଲୋକଙ୍କୁ ଶାନ୍ତି, ସହଯୋଗ ଓ ଭାଇଚାରାର ସନ୍ଦେଶ ଦିଆଯାଇଥିଲା । ସମଗ୍ର କାର୍ଯ୍ୟକ୍ରମ ସୁସଂଗଠିତ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା । ଏହି ବ୍ଲକ ସ୍ତରୀୟ ଏକତା ପଦଯାତ୍ରା ଘଟଗାଁ ଅଞ୍ଚଳରେ ଏକତା, ସମନ୍ୱୟ ଓ ସାମାଜିକ ସଚେତନତାର ଏକ ସକାରାତ୍ମକ ସନ୍ଦେଶ ଛାଡ଼ିଯାଇଛି ।

# ଅଭାବୀ ବିକ୍ରି:ଉଜୁଡ଼ିଲା ଫୁଲକୋବି ଚାଷ, ଚିନ୍ତାରେ ଚାଷୀ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**





ଦକ୍ଷିଣ ଓଡ଼ିଶାର ଗଞ୍ଜାମ ବ୍ଲକର ପନିପରିବା, ଫଳମୂଳର ପେଣ୍ଟସ୍ଥଳି କୁହାଯାଉଥିବା ସାନ ରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଅଧିନସ୍ଥ ଡିଆଁଡେଇଁ, ଭାଇଆଡ଼ି, ସାନ ରାମଚନ୍ଦ୍ରପୁର, ମଧୁରଚୁଆ ଗ୍ରାମର ଚାଷୀମାନେ ଚାଷକୁ ବେଉସା କରି ଜୀବିକାକୁ ଆପଣେଇ ନିର୍ବାହ କରୁଥିବା ବେଳେ ବର୍ତ୍ତମାନ ଅଲୋଡ଼ା ହୋଇଯାଇଛି ଫୁଲକୋବି । ଶାଗ ମାଛ ଦରରେ ବାଡ ମୁହଁରେ ୩ ଟଙ୍କା ଦାମ୍‌ରେ ବିକ୍ରି ହେଉଥିବା ଚାଷୀ ଲୋକନାଥ ନାହାକ ପ୍ରକାଶ କରିଛନ୍ତି । ଉପରୋକ୍ତ ଅଞ୍ଚଳ କୃଷି ପ୍ରଧାନ ହୋଇଥିବାରୁ ନିକଟରେ ଡବଲ୍ ଇଞ୍ଜିନ୍ ସରକାରଙ୍କ ଶୀତଳ ଭଣ୍ଡାର ନିର୍ମାଣ ପ୍ରତି ବ୍ଲକ ସ୍ତରରେ ସ୍ଥିର ହୋଇଥିବା ନେତାଙ୍କ ଭାଷଣ ବାଜିରେ ସୀମିତ ହୋଇ ରହିଯାଇଛି । ଗଞ୍ଜାମ କଲେଜର ଛାତ୍ର ତଥା ଡିଆଁଡେଇଁ ଗ୍ରାମର ସଞ୍ଜୟ ନାହାକ +୩ ସାରି ପର ମୂହୁର୍ତ୍ତରେ ଡିପ୍ଲୋମା କରି ପୋଥି ବାନ୍ଧି ରଖି ବାପା ଲୋକନାଥ ନାହାକଙ୍କର ୪ ଏକର ଜମିରେ ଫୁଲକୋବି, ଟମାଟୋ, ପତ୍ରକୋବି, ଫଳକୋବି, ଗାଜର, ଧନିଆ, ବାଇଗଣ, ଲାଉ, କାକୁଡି, ଜାମୁ, କଲରା, କଖାରୁ, ବିଟ୍, ମିଠା ମକା, ଭେଣ୍ଡି ନିଜ କ୍ଷେତରେ ଚାଷ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ନିଜର ଏକାଗ୍ରତା, ସମୟାନୁବର୍ତ୍ତିତା, କଠୋର ପରିଶ୍ରମ, ଜିଦ୍‌ଖୋର୍ ମନୋବୃତ୍ତି ସାଉଁଟି ରଖିଛି । ଯୁବା ଅବସ୍ଥାରେ ଗ୍ରାମର ବିଭିନ୍ନ ସାମାଜିକ କାର୍ଯ୍ୟ, ସାଂସ୍କୃତିକ, ଆଧାତ୍ମିକ ତଥା ପର ମୂହୁର୍ତ୍ତରେ ବିବାହ ବନ୍ଧନରେ ବାନ୍ଧି ଦେଇ ଗୃହ କାର୍ଯ୍ୟରେ ଲିପ୍ତ ରହିଥିବାରୁ ନିଜ ଚାଷ ଜମି ନିଜ କର୍ମ ସଂସ୍ଥାନ ବୋଲି ଭାବି ନେଲେ । ଏପରି ସମୟରେ ଗଣମାଧ୍ୟମ ନିକଟରେ ନିଜର ସମୟ ଅଭାବରୁ ପ୍ରତିକ୍ରିୟା ଦେବା ପାଇଁ କୁଣ୍ଠା ପ୍ରକାଶ କରିଥିଲେ । ଅମଳ ଉତ୍ପାଦ ସୁରକ୍ଷିତ ରଖିବା, ଶୀତଳ ଭଣ୍ଡାର ନଥିବା, ବଜାର ସୃଷ୍ଟି ପାଇଁ ଉପାୟ ହୋଇନଥିବା ପର ମୂହୁର୍ତ୍ତରେ ଜାତୀୟ କରଣ ବ୍ୟାଙ୍କ ବାଲାଙ୍କର ରଣଛାଟ ଚାଷୀଙ୍କୁ ପ୍ରହାର ସଦୃଶ୍ୟ ହେଉଛି । ଅମଳ ଦ୍ରବ୍ୟ ଯଦି ଶାଗମାଛ ଦ୍ୱାରା ବିକ୍ରି କରାଯାଏ ସବ୍‌ସିଡି ନମିଳେ ପରିଚୟ ସହ ଉତ୍ତମ ରୋଜଗାର କିପରି ପାଇବେ ବୋଲି ଜଣାଇଛନ୍ତି । ୪,୫୦୦ ଟଙ୍କାର ଔଷଧ ଆଣି କ୍ଷେତରେ ଛିଞ୍ଚନ କରିବା ସହ ପର ମୂହୁର୍ତ୍ତରେ ମହାଜନୀ ମାନଙ୍କୁ ଫୁଲକୋବି ୧ କେଜି ୩ ଟଙ୍କା, ପତ୍ରକୋବି ୧ କିଲୋ ୫ ଟଙ୍କା, ଫଳ କୋବି ୧ କିଲୋ ୨ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ବାଢିଛନ୍ତି । ଚଳିତ ବର୍ଷ ଏକାଧିକ ଜମିରେ ତତୋଧିକ ଚାଷୀ ଏକ ସମୟରେ ଏକା ପ୍ରକାର ପରିବା ଆଦାୟ କରନ୍ତି ତାହାହେଲେ ପ୍ରଭାବ ଭିନ୍ନ ପ୍ରକାର ବଜାର ସୃଷ୍ଟି କରିବ ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି । ଆନୁଷଙ୍ଗିକ ଚାଷ ପାଇଁ ପ୍ରଶାସନିକ ସହଯୋଗ ମିଳିଲେ ସେ ନିଶ୍ଚିତ ରୂପେ ଅଧିକା ଲାଭବାନ ହୋଇପାରନ୍ତେ ବୋଲି ଚାଷୀ ଲୋକନାଥ ନାହାକ ପ୍ରକାଶ କରିଛନ୍ତି । କିନ୍ତୁ ବାଡ଼କୁ ପକା ରାସ୍ତା ନଥିବାରୁ ଯାତାୟାତରେ ଯାନବାହାନ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁପଡୁଛି । ଏହାପ୍ରତି ସରକାର ବିହୀତ ପଦକ୍ଷେପ ଗ୍ରହଣ କରିଲେ ଅନେକ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ଅଭିଯୋଗ ବାଢିଛନ୍ତି ।

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡଃ ଅରବିନ୍ଦ କୁମାର ପାଢ଼ୀ ଦାୟିତ୍ୱ ଗ୍ରହଣ କରିବା ପରେ ବିଭାଗର ରାଜ୍ୟ ମୁଖ୍ୟାଳୟ, ଜିଲ୍ଲା ଏବଂ ତହସିଲ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପ୍ରେରଣ କରିଛନ୍ତି । ଏଥିରେ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ସହ ଏହାକୁ ଅଧିକ ଲୋକାଭିମୁଖୀ କରିବା ଦିଗରେ ସେ ଗୁରୁତ୍ୱାରୋପ କରିଛନ୍ତି । ସଚ୍ଚୋଟତା, ବୃତିଗତ ନିଷ୍ଠା ତଥା ସମ୍ବେଦନଶୀଳତାକୁ ପ୍ରାଥମିକତା ଦେବାସହ ତ୍ୱରିତ ପ୍ରୟାସ ମାଧ୍ୟମରେ ବ୍ୟବସ୍ଥା ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ବୃଦ୍ଧି କରିବା ନିମନ୍ତେ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ନାଗରିକଙ୍କ ଅଭିଯୋଗର ତ୍ୱରିତ ସମାଧାନ, ଉତ୍ତମ ଶାସନ ପାଇଁ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ଲୋକସେବାରେ ଶିଷ୍ଟାଚାର ଓ ଶୃଙ୍ଖଳାର ପାଳନ, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ସମେତ ସମସ୍ତ ସରକାରୀ ଜମିର ସୁରକ୍ଷା, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର ଉପରେ ଶ୍ରୀ ପାଢ଼ୀ ଗୁରୁତ୍ୱ ଦେଇଛନ୍ତି । ଏହାସହ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ କଳା ପ୍ରତି ସମ୍ମାନ ଜଣାଇ ସପ୍ତାହର ଗୋଟିଏ ଦିନ (ଶୁକ୍ରବାର) ହସ୍ତତନ୍ତ ପୋଷାକ ପିନ୍ଧିବା ନିମନ୍ତେ ସେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସାହିତ କରିଛନ୍ତି । ସଚ୍ଚୋଟ ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ସମ୍ମାନ ଓ ପୁରସ୍କାର ଦିଆଯିବା ସହ ଦୁର୍ନୀତି ଏବଂ ଏହାର ପୃଷ୍ଠପୋଷକ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ବିଭିନ୍ନ ସମୟରେ କ୍ଷେତ୍ର ପରିଦର୍ଶନ କରି ଅଚାନକ୍ ଯାଞ୍ଚ କରିବା ସହ ବିଭାଗୀୟ ଅଧିକାରୀ ଏବଂ ସାଧାରଣ ଜନତାଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତିର ମୂଲ୍ୟାଙ୍କନ କରିବା ନିମନ୍ତେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ପାଢୀ ତତ୍ପରତା ପ୍ରକାଶ କରିଛନ୍ତି ।

# ବିଶ୍ୱର ପ୍ରଥମ ବୋଲର ଭାବେ ଟି-୨୦ରେ ୭୦୦ ୱିକେଟ ଅକ୍ତିଆର କଲେ ରସିଦ୍ ଖାନ୍




**ନୂଆଦିଲ୍ଲୀ**

ଆଫଗାନିସ୍ତାନର ଅଧିନାୟକ ରଶିଦ ଖାନ୍ କ୍ରିକେଟ୍ ଜଗତରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ସୋମବାର ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ ର ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ସେ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି। ଟି-୨୦ କ୍ରିକେଟ୍ ଇତିହାସରେ ୭୦୦ ୱିକେଟ୍ ଅକ୍ତିଆର କରିବାରେ ସେ ବିଶ୍ୱର ପ୍ରଥମ ବୋଲର ହୋଇଛନ୍ତି।

ୟୁଏଇ ଇନିଂସର ୧୬ତମ ଓଭରରେ ମହମ୍ମଦ ଅରଫାନଙ୍କୁ 'ହିଟ୍-ୱିକେଟ୍' କରି ରଶିଦ ନିଜର ୭୦୦ତମ ୱିକେଟ୍ ପୂରଣ କରିଥିଲେ। ରଶିଦ ମାତ୍ର ୫୧୩ଟି ଇନିଂସରେ ଏହି ଲକ୍ଷ୍ୟ ହାସଲ କରିଛନ୍ତି। ମାତ୍ର ୨୭ ବର୍ଷ ବୟସରେ ସେ ଏହି ସଫଳତା ପାଇ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ୭୦୦ ୱିକେଟ୍ କ୍ଲବରେ ରଶିଦ ଏକାକୀ ଥିବା ବେଳେ ତାଙ୍କ ପଛକୁ ଡ୍ୱେନ୍ ବ୍ରାଭୋ (୬୩୧ ୱିକେଟ୍) ଏବଂ ସୁନିଲ ନାରାୟଣ (୬୧୩ ୱିକେଟ୍) ରହିଛନ୍ତି।

ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ମଧ୍ୟ ରଶିଦ ୧୯୧ ୱିକେଟ୍ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ଟିମ୍ ସାଉଦି (୧୬୪ ୱିକେଟ୍) ଦ୍ୱିତୀୟ ଏବଂ ଇଶ ସୋଢୀ (୧୬୨ ୱିକେଟ୍) ତୃତୀୟ ସ୍ଥାନରେ ଅଛନ୍ତି।

# ଟ୍ୱେଣ୍ଟି-୨୦ ବିଶ୍ୱକପ୍ : ୟୁଏଇକୁ ୫ ୱିକେଟ୍‌ରେ ହରାଇଲା ଆଫଗାନିସ୍ତାନ

**ନୂଆଦିଲ୍ଲୀ**

ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱ କପରେ ପ୍ରଥମ ବିଜୟ ହାସଲ କରିଛି ଆଫଗାନିସ୍ତାନ। ସୋମବାର ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ୨୮ତମ ମ୍ୟାଚ୍‌ରେ ୟୁଏଇକୁ ୫ ୱିକେଟ୍‌ରେ ହରାଇ ଦେଇଛି ଆଫଗାନ ଦଳ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୟୁଏଇ ସୋଏବ ଖାଁ (୪୮ ବଲ୍‌ରୁ ୬୮ ରନ୍) ଓ ଆଲିସାନ ସରାଫୁ (୩୧ ବଲ୍‌ରୁ ୪୦ ରନ୍)ଙ୍କ ଲଢୁଆ ପାଳି ବଳରେ ୨୦ ଓଭରରେ ୯ ୱିକେଟ୍ ହରାଇ ୧୬୦ ରନ କରିଥିଲା।




ଆଫଗାନିସ୍ତାନ ପକ୍ଷରୁ ଅଜମାତୁଲ୍ଲା ଓମାରଜାଇ ୧୫ ରନ୍ ଦେଇ ୪ଟି ୱିକେଟ୍ ନେଇଥିବା ବେଳେ ମୁଜିବୁର ରେହମାନ ୩୧ ରନ୍ ଦେଇ ୨ଟି ୱିକେଟ୍ ଅକ୍ତିଆର କରିଥିଲେ।

ଜବାବରେ ଆଫଗାନିସ୍ତାନ ୧୯.୨ ଓଭରରେ ୫ ୱିକେଟ୍ ହରାଇ ୧୬୨ ରନ୍ କରି ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର ଇବ୍ରାହିମ୍ ଜଦ୍ରାନ୍ ଅର୍ଦ୍ଧଶତକ (୪୧ବଲ୍‌ରୁ ୫୩ ରନ୍) କରିଥିବା ବେଳେ ଅଜମାତୁଲ୍ଲା ଓମାରଜାଇଞ୍ଜ (୨୧ ବଲ୍‌ରୁ ୪୦) ଏବଂ ଦାରୱିସ୍ ରସୁଲି (୨୩ ବଲ୍‌ରୁ ୩୩ ରନ୍) ଉପଯୋଗୀ ପାଳି ଖେଳି ଦଳ ପାଇଁ ବିଜୟ ଆଣିଦେଇଥିଲେ। ୟୁଏଇ ପକ୍ଷରୁ ଜୁନୈଦ୍ ସିଦ୍ଦିକି ଓ ମହମ୍ମଦ ଅର୍ଫାନ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ ପାଇଁ ଅଜମାତୁଲ୍ଲା ଓମାରଜାଇଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

# ମୁଚୋଭା କତାର ଓପନ ଚାମ୍ପିଅନ୍ : ଜିତିଲେ ପ୍ରଥମ ଡବ୍ଲ୍ୟୁଟିଏ ୧୦୦୦ ଟାଇଟଲ୍

**ଦୋହା**

ଚେକ୍ ଗଣରାଜ୍ୟ ଖେଳାଳି କାରୋଲିନା ମୁଚୋଭା ଡବ୍ଲ୍ୟୁଟିଏ କତାର ଓପନ ଚାମ୍ପିଅନ୍ ହୋଇଛନ୍ତି। ମହିଳା ବର୍ଗ ଫାଇନାଲ୍‌ରେ ସେ ସିଧାସଳଖ ୬-୪, ୭-୫ ସେଟ୍‌ରେ କାନାଡ଼ାର ଭିକ୍ଟୋରିଆ ଏମ୍ବୋକୋଙ୍କୁ ପରାସ୍ତ କରିଥିଲେ। ଏଥିସହ ମୁଚୋଭା କ୍ୟାରିୟରରେ ପ୍ରଥମ ଡବ୍ଲ୍ୟୁଟିଏ ୧୦୦୦ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି। ପୂର୍ବରୁ ସେ ୨୦୧୯ରେ କୋରିଆ ଓପନ ଚାମ୍ପିଅନ୍ ହୋଇଥିଲେ। କତାର ଓପନ ଟାଇଟଲ୍ ଜିତିବା ସହ ମୁଚୋଭା ଡବ୍ଲ୍ୟୁଟିଏ ମାନ୍ୟତା ତାଲିକାରେ ୧୧ତମ ସ୍ଥାନ ନିଶ୍ଚିତ କରିଛନ୍ତି। ମ୍ୟାଚ୍ ପରେ, କାତାର ଟେନିସ୍, ସ୍କ୍ୱାସ୍, ପାଡେଲ୍ ଏବଂ ବ୍ୟାଡ୍‌ମିଣ୍ଟନ୍ ଫେଡେରେସନର ସଭାପତି ମହାମହିମ ନାସେର ବିନ୍ ଘାନେମ୍ ଅଲ୍ ଖେଲାଇଫି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସାଦ ଅଲ୍ ମୋହନାଦି ଏବଂ ଫିଫାର ସଭାପତି ଜିଆନି ଇନଫାଣ୍ଟିନୋଙ୍କ ସହିତ ମୁଚୋଭାଙ୍କୁ ଗୋଲ୍ଡେନ ଫାଲକନ୍ ଟ୍ରଫି ପ୍ରଦାନ କରିଥିଲେ, ଯେତେବେଳେ ଏମ୍ବୋକୋ ରନର୍ସ-ଅପ୍ ପୁରସ୍କାର ପାଇଥିଲେ।



# ୨୪ ରନରେ ହାରିଲା ଇଟାଲି ସୁପର-୮ରେ ଇଂଲଣ୍ଡ

**କୋଲକାତା**

ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସୁପର-୮ରେ ଇଂଲଣ୍ଡ ପ୍ରବେଶ କରିଛି। ଗ୍ରୁପ୍-ସି'ରୁ ୱେଷ୍ଟଇଣ୍ଡିଜ୍ ପରେ ଦ୍ୱିତୀୟ ଦଳ ଭାବେ ଇଂଲଣ୍ଡ ଏହି ସ୍ଥାନ ପକ୍କା କରିଛି। ସୋମବାର ନିଜର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଇଂଲଣ୍ଡ ୨୪ ରନ୍‌ରେ ଇଟାଲିକୁ ପରାସ୍ତ କରିଛି। ଇଡେନ୍ ଗାର୍ଡେନ୍ସରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତୃତୀୟ ଓଭରରେ ଜୋସ୍ ବଟଲର (୩)ଙ୍କୁ ହରାଇଥିଲା।

ଇଂଲଣ୍ଡ ବ୍ୟାଟରମାନେ ଦ୍ରୁତ ରନ୍ କରିବା ଚକ୍କରରେ ଲଗାତାର ୱିକେଟ୍ ହରାଇଥିଲେ ମଧ୍ୟ ଛୋଟଛୋଟ ଭାଗୀଦାର ଗଢ଼ିବାରୁ ଦଳ ୨୦୨/୭ ଭଳି ଆହ୍ୱାନଭରା ସ୍କୋର କରିବାକୁ ସକ୍ଷମ ହୋଇଥିଲା। ୱିଲ୍ ଜ୍ୟାକ୍ସ ୨୧ ବଲ୍‌ରୁ ଅର୍ଦ୍ଧଶତକ ଅର୍ଜନ କରି ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଇଂଲଣ୍ଡର ଦ୍ରୁତତମ ବ୍ୟାଟର ହେବାର ଗୌରବ ଅର୍ଜନ କରିଥିଲେ। ତାଙ୍କ ପୂର୍ବରୁ ଦ୍ରୁତ ଅର୍ଦ୍ଧଶତକ ରେକର୍ଡ ଇଆନ ମୋର୍ଗାନ (୨୫ ବଲ୍)ଙ୍କ ନାମରେ ଥିଲା। ଜ୍ୟାକ୍ସ ୨୩ ବଲ୍‌ରୁ ୪ ଛକା ଓ ୩ ଚୌକା ସହାୟତାରେ ୫୩ ରନ୍‌ର ଅପରାଜିତ ପାଳି ଖେଳି ଦଳୀୟ ସ୍କୋରକୁ ୨୦୦ ପାର କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସେ ଓ ସାମ୍ କରନ୍ (୨୫) ଷଷ୍ଠ ୱିକେଟ୍‌ରେ ୫୪ ରନ୍‌ର ଭାଗୀଦାର ଗଢ଼ିଥିଲେ। ଟମ୍ ବାଟନ ୩୦, ଫିଲ୍ ସଲ୍‌ଟ ୨୮, ଜାକବ ବେଥେଲ ୨୩ ରନ୍ ଉପଯୋଗୀ ପାଳି ଖେଳିଥିଲେ।




ଇଟାଲି ପକ୍ଷରୁ ଗ୍ରାଣ୍ଟ ଷ୍ଟିୱାର୍ଟ ଓ କ୍ରିଶାନ କାଲୁଗାମାଗେ ୨ ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଇଟାଲି ପ୍ରଥମ ଓଭରରେ ୧ ରନ୍‌ରେ ୨ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଏହି ଦୁଇ ୱିକେଟ୍ ଜୋଫ୍ରା ଆର୍ଚର ନେଇଥିଲେ। ମେନେଟି (୧୨)ଙ୍କୁ ଜାମି ଓଭରଟନ୍ ଆଉଟ୍ କରିଦେବାରୁ ଏହି ପଦାର୍ପଣକାରୀ ଦଳ ୨୨/୩ରେ ସଂଘର୍ଷ କରିଥିଲା। ତଥାପି ଏହି ଦଳ ସହଜରେ ହାର ମାନି ନଥିଲା। ମୋସ୍କା (୪୩) ଓ ବେନ୍ ମେନେଟି (୨୫ ବଲ୍‌ରୁ ୬୦) ଚତୁର୍ଥ ୱିକେଟ୍‌ରେ ୯୨ ରନ୍ ଯୋଡ଼ି ପାଳି ଆଗକୁ ନେଇଥିଲେ। ଏମାନଙ୍କ ପରେ ଗ୍ରାଣ୍ଟ ଷ୍ଟିୱାର୍ଟ ୨୩ ବଲ୍‌ରୁ ୪୫ ରନ୍ (୨ ଚୌକା, ୫ ଛକା) ଦ୍ରୁତ ପାଳି ଖେଳି ଇଂଲଣ୍ଡକୁ ସହଜରେ ବାଟ ଛାଡ଼ି ନଥିଲେ। କିନ୍ତୁ ଶେଷରେ ବଡ଼ ସ୍କୋର ପାହାଡ଼ ଚାପରେ ଚାପି ହୋଇ ଅନ୍ୟ ବ୍ୟାଟର ବିଫଳ ହେବାରୁ ଦଳ ୧୭୮ ରନ୍‌ରେ ଅଟକିଯାଇଥିଲା। ସାମ୍ କରନ୍ ଓ ଜାମି ଓଭରଟନ୍ ୩ ଲେଖାଏଁ ୱିକେଟ୍ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ୱିଲ୍ ଜ୍ୟାକ୍ସ (୫୩ ରନ୍, ୧ ୱିକେଟ୍) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

## ଅଲ୍ ଇଣ୍ଡିଆ ରାମଧୁନ କପ୍ ଫୁଟବଲ୍ ମ୍ୟାଚ୍

# ଟ୍ରାଇବ୍ରେକରରେ କଲିକତା ଦଳ ୩-୨ ଗୋଲ୍‌ରେ ବିଜୟୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ୧୭ତମ ସର୍ବଭାରତୀୟ ରାମଧୂନ୍ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କନ୍ଧମାଳ ଏଫ୍‌ସି ଦଳ ଓ କଲିକତା ବେଙ୍ଗଲି ଏକାଡେମୀ ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆୟୋଜକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାଏକ, ଉପ ଅଧ୍ୟକ୍ଷା ମଲ୍ଲିକା ଦାନୀ, ସମାଜ ସେବୀ ଶ୍ରୀବସ୍ତ ମଲ୍ଲିକ, ପୌର ପରିଷଦ ପ୍ରାକ୍ତନ ଅଧ୍ୟକ୍ଷା କଇରୁ ସ୍ୱାଇଁ, ଶ୍ରମିକ ନେତା ଗୋବିନ୍ଦ ମହାରଣା, କ୍ରୀଡ଼ା ସଂଘ କାର୍ଯ୍ୟକାରିଣୀ ସଦସ୍ୟ ଆଦିତ୍ୟ କିଶୋର ଦାନୀ, ଜିତେନ୍ଦ୍ର ସାହୁ, କଲିକତା ଦଳର ଫ୍ରାଞ୍ଚାଇଜ୍ ପ୍ଲାବନ ମହାପାତ୍ର, କନ୍ଧମାଳ ଦଳର ଫ୍ରାଞ୍ଚାଇଜ୍ ନିଶାନ୍ତ ମହାନ୍ତି ଯୋଗ ଦେଇ ଖେଳାଳି ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ମୁଖ୍ୟ ରେଫରି ଭାବେ ସଞ୍ଜୀବ ସାହୁ, ସହଯୋଗୀ ରେଫରୀ ଭାବେ ଜିତୁ ପାତ୍ର, ସଂଜନ ସାହୁ, ଭୁକୁଲୁ ବକ୍ସି, ବିଦ୍ୟାଧର ମିଶ୍ର ଓ ଫୋର୍ଥ ରେଫରି ଭାବେ ସୁଶାନ୍ତ ବାଗ ସହଯୋଗ୍ କରିଥିଲେ। ଅତିଥି ଓ ଭେଟରାନ କ୍ରୀଡ଼ାବିତ୍‌ମାନଙ୍କ ସହିତ ଦର୍ଶକ ଖେଳକୁ ଉପଭୋଗ କରିଥିବା ବେଳେ ମନୋରଞ୍ଜନ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଖେଳର ଶେଷ ପର୍ଯ୍ୟନ୍ତ ଉଭୟ ଦଳ ୧-୧ ଗୋଲ୍ ସ୍କୋର କରି ଖେଳ ବରାବର ହୋଇଥିଲା। ଟ୍ରାଏବ୍ରେକରରେ କଲିକତା ଦଳ ୩-୨ ଗୋଲ୍‌ରେ ବିଜୟୀ ହୋଇ ଥିଲେ। କ୍ରୀଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡା, ରମଧୁନ କ୍ଲବ୍ ସଦସ୍ୟ ବିକାଶ ପଣ୍ଡା, ଲଡୁ କିଶୋର ମଲ୍ଲିକ, ସନ୍ତୋଷ ପାଢ଼ୀ, ବୁବୁନ ନାଏକ, ବାଲ ଗୋପାଲ ମିଶ୍ର, ପ୍ରିତମ ସରାଫ, ରିକୁନ ନାଏକ, ଚନ୍ଦନ ବେହେରା, ଆୟୁଷ ପଣ୍ଡା, ଅଂଶୁମାନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କଲିକତାର ସୁବାଷ ବେରାଙ୍କୁ ଖେଳରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରିଥିଲା। ପ୍ରଭୁ ଦାସ କୁମ୍ଭାର ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ।




# ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟ୍‌ବଲ୍ ପ୍ରତିଯୋଗିତା : ଭାଗନେଲେ ୮ ଦଳ

**ଭୁବନେଶ୍ୱର**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ଦିବଂଗତ ନେତା ଡ. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ସିଟି କ୍ଲବ୍ ଓ ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ଫାଉଣ୍ଡେସନ୍ ଟ୍ରଷ୍ଟ୍ ଆନୁକୂଲ୍ୟରେ ସ୍ଥାନୀୟ ଭୁବନେଶ୍ୱର ଫୁଟ୍‌ବଲ୍ ଏକାଡେମୀଠାରେ ପ୍ରଥମ ନିଖିଳ ଓଡ଼ିଶା ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟ୍‌ବଲ୍ ପ୍ରତିଯୋଗିତା ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ରାଜ୍ୟରେ ଫୁଟ୍‌ବଲ୍‌ର ବିକାଶ ଓ ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବଛାବଛା ୮ଟି ଦଳ ଅଂଶଗ୍ରହଣ କରିବେ।

ଏହି ଦଳଗୁଡ଼ିକ ହେଲେ କିଶୋର କ୍ଲବ୍ ଭୁବନେଶ୍ୱର, ମଙ୍ଗଳା କ୍ଲବ୍ କଟକ, ସମଲେଶ୍ୱରୀ ସ୍ପୋର୍ଟିଂ (ସମ୍ବଲପୁର ଫୁଟ୍‌ବଲ୍ ଏକାଡେମୀ), ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ୍ ଭୁବନେଶ୍ୱର, ରାଉରକେଲା ରେଡ୍ ୟୁନାଇଟେଡ୍ ରାଉରକେଲା, ୟୁନାଇଟେଡ୍ ଏଫ୍‌ସି ବରଗଡ଼, ହରି ପ୍ଲାଷ୍ଟ ଟାଇଟନ୍ସ ବାଲେଶ୍ୱର, ରାଧା ରମଣ କ୍ଲବ୍ କଟକ। ନକ୍‌ଆଉଟ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାର ଶୀର୍ଷ ୪ଟି ଦଳ ସେମିଫାଇନାଲ୍‌ରେ ପ୍ରବେଶ କରିବେ। ସେଠାରୁ ଦୁଇ ଫାଇନାଲିଷ୍ଟ ବଛାଯିବେ। ପ୍ରତିଯୋଗିତା ଲାଗି ମୋଟ ୧୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ରଖାଯାଇଛି।



ସେହିଭଳି ଅନ୍ୟଏକ ସ୍ୱାଗତଯୋଗ୍ୟ ଘଟଣାକ୍ରମେ ଅନ୍ତର୍ଜାତୀୟ ଫୁଟ୍‌ବଲର ତଥା ମୋହନ ବାଗାନ ଓ ମହିନ୍ଦ୍ରା ୟୁନାଇଟେଡ୍ ଭଳି ପ୍ରତିଷ୍ଠିତ କ୍ଲବ୍ ପକ୍ଷରୁ ଖେଳିଥିବା ଓଡ଼ିଶାର ପ୍ରାକ୍ତନ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂହଙ୍କୁ ଏହି ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସାଡାର ନିଯୁକ୍ତ କରାଯାଇଛି। ଆଗାମୀ ସମୟରେ ପୁରୁଷଙ୍କ ସହ ମହିଳା ଲିଗ୍ ମଧ୍ୟ ଆୟୋଜନ କରିବା ଏବଂ ଡ. ପ୍ରଧାନଙ୍କ ନାଁରେ ପ୍ରତିଭାବାନ ଖେଳାଳି କ୍ରୀଡ଼ା ବୃତ୍ତି ପ୍ରଦାନ କରିବାର ଯୋଜନା ରହିଥିବା ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ପୂର୍ବତନ ପ୍ରଶିକ୍ଷକ ମହମ୍ମଦ ସାହିଦ ଜବାର, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍‌ର ସଂପାଦକ ସୌର୍ଯ୍ୟରଞ୍ଜନ ପରିଜା, ଭୁବନେଶ୍ୱର ବିଜେପିର ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, କ୍ରୀଡ଼ା ସଂଗଠକ ସହଦେବ ରାଉତ ଓ ଆୟୋଜକ କମିଟି ସଂପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

XX-09

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା
## ଅଧିସୂଚନା

File No. XXXVL-7/2025/ 558 /LA/ Dated. 29.11.2025

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ''କେନ୍ଦ୍ରାପଡ଼ା ସହରକୁ ବିକଳ୍ପ ରାସ୍ତା ପାଇଁ ଗୋବରୀ ନଦୀ ଉପରେ ୦/୨୫୦ କି.ମି. ଠାରେ ସୁଉଚ୍ଚ ସେତୁ ନିର୍ମାଣ ଏବଂ ୦/୦୦୦ କି.ମି. ଠାରୁ ୦/୭୦୦ କି.ମି. ପର୍ଯ୍ୟନ୍ତ ବିକଳ୍ପ ରାସ୍ତା ନିର୍ମାଣ (ଭାଗ-୧)'' ତହସିଲ-କେନ୍ଦ୍ରାପଡ଼ା, ଜିଲ୍ଲା-କେନ୍ଦ୍ରାପଡ଼ାରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨.୦୦୦ ଭୂମି ଅଧିଗ୍ରହଣ/ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ଷାଠିଏ) ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଜିଲ୍ଲାପାଳ କେନ୍ଦ୍ରାପଡ଼ାଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ:- ''କେନ୍ଦ୍ରାପଡ଼ା ସହରକୁ ବିକଳ୍ପ ରାସ୍ତା ପାଇଁ ଗୋବରୀ ନଦୀ ଉପରେ ୦/୨୫୦ କି.ମି. ଠାରେ ସୁଉଚ୍ଚ ସେତୁ ନିର୍ମାଣ ଏବଂ ୦/୦୦୦ କି.ମି. ଠାରୁ ୦/୭୦୦ କି.ମି. ପର୍ଯ୍ୟନ୍ତ ବିକଳ୍ପ ରାସ୍ତା ନିର୍ମାଣ (ଭାଗ-୧)''
୨. ଜମି ଆବଶ୍ୟ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ:- ନିର୍ବାହୀ ଯନ୍ତ୍ରୀ, କେନ୍ଦ୍ରାପଡ଼ା ରାସ୍ତା ଓ ଗୃହ ନିର୍ମାଣ ବିଭାଗ-୧, କେନ୍ଦ୍ରାପଡ଼ା
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ସାର୍ବଜନୀନ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ସହରକୁ ବିକଳ୍ପ ରାସ୍ତା ସୁବିଧା
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା-୮୮୯୧/ R&DM ତା.୦୬.୦୩.୨୦୨୫ ରିଖରେ ଭୂମିଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପ ଜିଲ୍ଲାପାଳ, କେନ୍ଦ୍ରାପଡ଼ା।
୬. ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ମୋଟ୍ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କେନ୍ଦ୍ରାପଡ଼ା | କେନ୍ଦ୍ରାପଡ଼ା | ମହିପାଳ | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୦.୭୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଜମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ନେଣ ଦେଣ) କିମ୍ବା ଦାୟ ସୃଷ୍ଟି କେନ୍ଦ୍ରାପଡ଼ା, ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, କେନ୍ଦ୍ରାପଡ଼ା

### ପ୍ରସ୍ତାବିତ ଭୂମି ଅନୁସୂଚୀ

ପ୍ରକଳ୍ପର ନାମ - କେନ୍ଦ୍ରାପଡ଼ା ସହରକୁ ବିକଳ୍ପ ରାସ୍ତା ପାଇଁ ଗୋବରୀ ନଦୀ ଉପରେ ୦/୨୫୦ କି.ମି. ଠାରେ ଉଚ୍ଚ ସେତୁ ନିର୍ମାଣ ଏବଂ ୦/୦୦୦ କି.ମି.ରୁ ୦/୭୦୦ କି.ମି. ପର୍ଯ୍ୟନ୍ତ ବିକଳ୍ପ ରାସ୍ତା ନିର୍ମାଣ (ଭାଗ-୧)

ଜିଲ୍ଲା - କେନ୍ଦ୍ରାପଡ଼ା
ତହସିଲ - କେନ୍ଦ୍ରାପଡ଼ା | ମୌଜା ମହିପାଳ | ଥାନା - କେନ୍ଦ୍ରାପଡ଼ା ସଦର

| କ୍ରମ.ନଂ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା ଏକରରେ | ଅଧିଗ୍ରହଣ ରକବା ଏକରରେ | ରୟତଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୦୧ | ୧୪୩ | ୨ | ବଗାୟତ-୩ | ୦.୫୪୦ | ୦.୨୭୦ | କଳ୍ପତରୁ ଶଚିନନ୍ଦନ ଟ୍ରଷ୍ଟ ଇଷ୍ଟେଟ୍ ମାର୍ଫତ ବାୟାବାବା, ଗୁରୁ ଶ୍ରୀଶ୍ରୀ ରାମ ଦାସ ବାବାଜି ମହାରାଜ ଜା ଲେହେଙ୍ଗି, ବୈଷ୍ଣବ ବାସସ୍ଥାନ ନିଜଗାଁ ବା |
| | | ୩ | ବଗାୟତ-୨ | ୦.୫୮୦ | ୦.୪୪୦ | |
| | | ମୋଟ | | ୧.୧୨୦ | ୦.୭୧୦ | |

ସ୍ୱା/- ଭୂ-ଅର୍ଜନ ଅଧିକାରୀ,
କେନ୍ଦ୍ରାପଡ଼ା

# ପାକିସ୍ତାନ ବିପକ୍ଷରେ 'ସ୍କାଏ'ଙ୍କ ନୀରବ ମାଷ୍ଟରଷ୍ଟ୍ରୋକ୍

**କଲମ୍ବୋ**



ପାକିସ୍ତାନ ବିପକ୍ଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ମ୍ୟାଚ୍ ପୂର୍ବରୁ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ (ସ୍କାଏ) ନୀରବ ମାଷ୍ଟରଷ୍ଟ୍ରୋକ୍ ଯୋଜନା କରିଥିଲେ। ସ୍ଲେଜିଂ ନକରି ନିଜର ଦକ୍ଷତାରେ ଖେଳି ସୂର୍ଯ୍ୟଙ୍କ ଦଳ ପାକିସ୍ତାନ ବିପକ୍ଷରେ ୬୧ ରନ୍‌ର ସହଜ ବିଜୟ ହାସଲ କରିଥିଲା। ଆର ପ୍ରେମାଦାସା ଷ୍ଟାଡିୟମ୍‌ରେ ରବିବାର ପାକିସ୍ତାନ ବିପକ୍ଷ ମ୍ୟାଚ୍‌ର ଠିକ୍ ପୂର୍ବରୁ ନିଜର ଖେଳାଳିମାନଙ୍କୁ ଦେଇଥିଲେ ନୂଆ ମନ୍ତ୍ର। ଭାରତ ଦେଇଥିବା ଲକ୍ଷ୍ୟକୁ ପାକିସ୍ତାନ ଦଳ ପଶ୍ଚାତ୍‌ଧାବନ କରିବା ପୂର୍ବରୁ ପଡ଼ିଆ ମଧ୍ୟରେ 'ସ୍କାଏ' ସାଥୀ ଖେଳାଳି ମାନଙ୍କୁ ପରାମର୍ଶ ଦେଉଥିବାର ଏକ ଭିଡିଓକୁ ବିସିସିଆଇ ସେୟାର କରିଛି। ଯେଉଁଥିରେ ଅନାବଶ୍ୟକ କଥାବାର୍ତ୍ତାଠୁ ଦୂରେଇ ରୁହ ଏବଂ ନିଜର ଦକ୍ଷତା ଉପରେ ଧ୍ୟାନ ରଖ ବୋଲି ସରଳ ବାର୍ତ୍ତାରେ ସାଥୀମାନଙ୍କୁ 'ସ୍କାଏ' ବୁଝାଇଥିଲେ। 'ଓଭର ମଝିରେ ଦୌଡ଼ିବା ଜାରି ରଖିବ, ହେଲେ କାହାକୁ କିଛି କହିବନି। ଆମକୁ ଭଲ କ୍ରିକେଟ୍ ଖେଳିବାର ଅଛି। ଭଲ ଦକ୍ଷତା ସହ ଖେଳି ଆମେ ଏହି ମ୍ୟାଚ୍ ଜିତିବା' ବୋଲି ବିସିସିଆଇ ସେୟାର କରିଥିବା ଭିଡିଓରେ 'ସ୍କାଏ' କହୁଛନ୍ତି। ସୂର୍ଯ୍ୟଙ୍କ ଚାହିବା ପରି ଖେଳାଳିମାନେ ମଧ୍ୟ ପ୍ରତିକ୍ରିୟା ଦେଇଥିଲେ। ଫଳରେ ଭାରତ ୬୧ ରନ୍‌ରେ ପାକିସ୍ତାନକୁ ହରାଇ ଗ୍ରୁପ୍-ଏ'ରୁ ସୁପର-୮ ସ୍ଥାନ ନିଶ୍ଚିତ କରିଥିଲା। ଏଥିସହ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷ ବିଜୟ ବ୍ୟବଧାନକୁ ୮-୧ରେ ପହଞ୍ଚାଇଥିଲା ଭାରତ।

# ମାଟ୍ରିକ ପରୀକ୍ଷା ଦେବେନି ବୈଭବ ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ**

ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ ୨୦୨୬ରେ ଟିମ୍ ଇଣ୍ଡିଆର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ସମ୍ପର୍କରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ସମ୍ପ୍ରତି, ରିପୋର୍ଟ ଆସିଛି ଯେ ବୈଭବ ସୂର୍ଯ୍ୟବଂଶୀ ତାଙ୍କର ଦଶମ ଶ୍ରେଣୀ ପରୀକ୍ଷା ଦେବାର ଥିଲା କିନ୍ତୁ ବର୍ତ୍ତମାନ, ସର୍ବଶେଷ ସୂଚନା ଅନୁଯାୟୀ, ବୈଭବ ସୂର୍ଯ୍ୟବଂଶୀ ପରୀକ୍ଷା ଦେବେ ନାହିଁ। ଏହି ସୂଚନା ବୈଭବଙ୍କ ପିତା ନିଜେ ଦେଇଛନ୍ତି।

ତାଜପୁରର ମୋଡେଷ୍ଟି ସ୍କୁଲର ପ୍ରିନ୍ସିପାଲ ଆଦର୍ଶ କୁମାର ଓରଫ ପିଣ୍ଟୁ କହିଛନ୍ତି ଯେ ବୈଭବଙ୍କ ପିତାଙ୍କ ସହ କଥା ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ତାଙ୍କର ପ୍ରତିବଦ୍ଧତା ଯୋଗୁ, ବୈଭବ ପରୀକ୍ଷା ଦେଇପାରିବେ ନାହିଁ, ଯଦିଓ ତାଙ୍କ ପ୍ରସ୍ତୁତି ଏବଂ ପରୀକ୍ଷା କେନ୍ଦ୍ର ସହିତ ଜଡ଼ିତ ସମସ୍ତ ଔପଚାରିକତା ଶେଷ ହୋଇସାରିଛି।



ରିପୋର୍ଟ ଅନୁଯାୟୀ, ବୈଭବ ସୂର୍ଯ୍ୟବଂଶୀଙ୍କ ପରୀକ୍ଷା କେନ୍ଦ୍ର ସମସ୍ତିପୁରର ପୋଦ୍ଦାର ଇଣ୍ଟରନ୍ୟାସନାଲ ସ୍କୁଲରେ ସ୍ଥିର କରାଯାଇ ଥିଲା। ସ୍କୁଲର ପ୍ରିନ୍ସିପାଲ ନୀଳ କିଶୋର ନିଶ୍ଚିତ କରିଛନ୍ତି ଯେ ବୈଭବଙ୍କ ଆଡମିଟ କାର୍ଡ ମିଳିଛି ଏବଂ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସ୍କୁଲ ପ୍ରଶାସନ ପାଖରେ ସୁରକ୍ଷିତ ରଖାଯାଇଛି। ସେମାନେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ବୈଭବ ଅନ୍ୟ ଛାତ୍ରଙ୍କ ପରି ପରୀକ୍ଷା ଦେବେ ଏବଂ ତାଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ନାହିଁ।

ସୂଚନା ଅନୁଯାୟୀ, ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଫେବୃୟାରୀ ୧୭ ତାରିଖରୁ ଆରମ୍ଭ ହେଉଛି ଏବଂ ସମାନ ସ୍କୁଲକୁ ଉଭୟ ଶ୍ରେଣୀ ପାଇଁ ପରୀକ୍ଷା କେନ୍ଦ୍ର ଭାବରେ ସ୍ଥାପନ କରାଯାଇଛି। ଯଦିଓ ଏହା ଏବେ ସ୍ପଷ୍ଟ ହୋଇଛି ଯେ ବୈଭବ ପରୀକ୍ଷା ଦେବେ ନାହିଁ, କିନ୍ତୁ ବୈଭବଙ୍କ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ତେଣୁ ସ୍କୁଲ ପ୍ରଶାସନ ପୂର୍ବରୁ ସ୍ଥାନୀୟ ପ୍ରଶାସନକୁ ଜଣାଇ ପୋଲିସକୁ ବାହ୍ୟ ସୁରକ୍ଷା ଦାୟିତ୍ୱ ଦେଇଥିଲେ। ଏହା ସତ୍ତ୍ୱେ ସ୍କୁଲ ପରିଚାଳନା ସ୍ପଷ୍ଟ କରିଛନ୍ତି ଯେ କୌଣସି ଛାତ୍ରଙ୍କ ପାଇଁ କୌଣସି ସ୍ୱତନ୍ତ୍ର ସୁରକ୍ଷା ଯୋଗାଇ ଦିଆଯିବ ନାହିଁ ଏବଂ ସମସ୍ତ ଛାତ୍ରଙ୍କ ପାଇଁ ପରୀକ୍ଷା କେନ୍ଦ୍ରରେ ସମାନ ନିୟମ ପ୍ରଯୁଜ୍ୟ ହେବ।

# ରାଜ୍ୟ କବାଡ଼ି : କଟକ ପୁରୁଷ, କିଟ୍ ମହିଳା ବିଜୟୀ




**କଟକ, ନ୍ୟୁଜ୍‌ବ୍ୟୁରୋ**

ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ଡକ୍ଟର ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ କବାଡ଼ି ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ପୁରୁଷ ବର୍ଗରେ କଟକ ୩୭-୧୨ ପଏଣ୍ଟରେ ଢେଙ୍କାନାଳକୁ ଏବଂ ମହିଳାରେ କିଟ୍ ୪୮-୧୦ରେ ଖୋର୍ଦ୍ଧାକୁ ହରାଇ ଟ୍ରଫି ଜିତିଛି। ପୁରୁଷରେ କରୁଣାକର ବେହେରା ଓ ମହିଳାରେ ସାକିନା ଦାଶ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଗୌତମ ସାହୁ ଓ ବିଶ୍ୱଜିତ ଜେନା ଶ୍ରେଷ୍ଠ ରେଡ୍‌ର ଭାବେ ପୁରସ୍କୃତ ହୋଇଛନ୍ତି। ରାଜ୍ୟ କବାଡ଼ି ସଂଘ ସମ୍ପାଦକ ଅଜୟ ବେହେରାଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସଂଘର ଉପାଧ୍ୟକ୍ଷ ପାର୍ଥବୀର ଭୂୟାଁ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ସିଏମ୍‌ସି କମିଶନର କିରଣଦୀପ କୌର ସହୋତା, ଭାରତୀୟ କବାଡ଼ି ମହାସଂଘ ଯୁଗ୍ମସମ୍ପାଦିକା ଜୟଶ୍ରୀ ସ୍ୱାଇଁ, ରାଜ୍ୟ କବାଡି ସଂଘ ଯୁଗ୍ମସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ରବି ନାରାୟଣ ମହାପାତ୍ର, ପ୍ରିଲ୍ୟୁଡ୍ ମୁଖ୍ୟ ସତ୍ୟବ୍ରତ ରଥ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଏହି ତିନିଦିନିଆ ପ୍ରତିଯୋଗିତାରେ ୩୬ ପୁରୁଷ ଓ ୩୨ ମହିଳା ଦଳ ଅଂଶଗ୍ରହଣ କରିଥିଲେ।

# ସଲମାନଙ୍କ ରଣନୀତି ଯୋଗୁଁ ହାରିଲା ପାକିସ୍ତାନ : ପୂର୍ବତନ କ୍ରିକେଟର

**ମୁମ୍ବାଇ**

ଭାରତ ବିପକ୍ଷ ମ୍ୟାଚରେ ପାକିସ୍ତାନର ପରାଜୟ ଏବେ ସବୁଠି ଚର୍ଚ୍ଚାର ବିଷୟ। ପରାଜୟ ପରେ ପାକିସ୍ତାନର ଖେଳାଳିଙ୍କୁ ହେବାକୁ ପଡୁଛି ସମାଲୋଚନାର ଶିକାର। ଅଧିନାୟକ ସଲମାନ ଅଲ୍ଲି ଆଗାଙ୍କୁ ଅନ୍ଧ, ମୂର୍ଖ ଏବଂ କାପୁରୁଷ ଭଳି ଶବ୍ଦ ମଧ୍ୟ ଶୁଣିବାକୁ ପଡୁଛି। ନିଜ ଦେଶର ପୂର୍ବତନ ଅଧିନାୟକଙ୍କଠାରୁ ଆରମ୍ଭ କରି ନିଜ ଦେଶର ଫ୍ୟାନ୍ସ ମଧ୍ୟ ସମାଲୋଚନା କରିଛନ୍ତି। ପୂର୍ବତନ ପାକିସ୍ତାନୀ କ୍ରିକେଟର ବାସିତ ଅଲ୍ଲୀ କହିଛନ୍ତି କି, ସଲମାନଙ୍କ ରଣନୀତି ଯୋଗୁଁ ଦଳ ପରାଜୟ ବରଣ କରିଛି। ଏହାସହ ବାବର ଆଜମଙ୍କୁ ମଧ୍ୟ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।

ପାକିସ୍ତାନ ପାଇଁ ୨୭ ଶତକ ହାସଲ କରିଥିବା ଏହି ପାକିସ୍ତାନୀ ପୂର୍ବତନ କ୍ରିକେଟର ଏକ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେଇ ନିଜ ଦେଶର ଦଳକୁ ସମାଲୋଚନା କରିଛନ୍ତି। ସେ କହିଥିଲେ, 'ମୁଁ ଯଦି କିଛି ଶବ୍ଦ କହିଥାଏ ତେବେ ମୋତେ କ୍ଷମା କରିବେ। ସେହି ଅନ୍ଧ ଲୋକମାନେ ଜାଣନ୍ତି ନାହିଁ ଯେ ଏହି ମ୍ୟାଚ୍ ଯେଉଁଠାରେ ଖେଳାଯାଇଛି, ସେଠାରେ ପ୍ରଥମେ ବ୍ୟାଟିଂ କରୁଥିବା ଦଳ ତିନୋଟି ଜିତିଛି। ଏହାସହ ଆମର ବୋଲିଂ ଭଲ ଅଛି। ଏଣୁ ପ୍ରଥମେ ବ୍ୟାଟିଂ କରି ପଛରେ ବୋଲିଂ ଆକ୍ରମଣ କରାଯିବା କଥା। ଭାରତ ଭଳି ଶକ୍ତିଶାଳି ଦଳ ଆଗରେ ଏଭଳି ଭୁଲ୍ ନିଷ୍ପତ୍ତି ପାକିସ୍ତାନ ପରାଜୟର ପ୍ରଥମ କାରଣ।

ଭୁବନେଶ୍ୱର, ୧୭ ଫେବୃୟାରୀ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ଭୁବନେଶ୍ୱର : ୧୭ ତାରିଖ ବଜେଟ ଅଧିବେଶନର ଅବ୍ୟବହିତ ପୂର୍ବରୁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ନଂ ପ୍ରକୋଷ୍ଠରେ ଅନୁଷ୍ଠିତ ବିଜେପି ବିଧାୟକ ଦଳ ବୈଠକ । (ଫଟୋ : ସମ୍ବାଦ କଳିକା)

## ସବରିମା ମନ୍ଦିରରେ ମହିଳାଙ୍କ ପ୍ରବେଶ ପ୍ରସଙ୍ଗ : ସୁପ୍ରିମକୋର୍ଟର ୯ ଜଣିଆ ବିଚାରପତି ଦେବେ ରାୟ

ନୂଆଦିଲ୍ଲୀ, ୧୬/୦୨

ସବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ପ୍ରସଙ୍ଗରେ ପୁଣିଥରେ ଶୁଣାଣି ହେବ। ସୁପ୍ରିମକୋର୍ଟଙ୍କ ୯ ଜଣିଆ ସମ୍ବିଧାନିକ ଖଣ୍ଡପୀଠ ୭ ଏପ୍ରିଲ ୨୦୨୬ରୁ ଏହି ମାମଲାରେ ଶୁଣାଣି କରିବା ଆରମ୍ଭ କରିବେ। ଏହି ସମୟରେ ଖଣ୍ଡପୀଠ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ବିଚାର କରିବେ। ଏହା ଆଧାରରେ ତାହା ଧାର୍ଯ୍ୟ କରାଯିବ ଯେ, ପ୍ରସିଦ୍ଧ ସବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ନେଇ ବିବାଦର ଅନ୍ତିମ ସମାଧାନ କ'ଣ ହେବା ଦରକାର। ଏହି ସମୟରେ କେନ୍ଦ୍ର ସରକାର ମହିଳାଙ୍କୁ ମନ୍ଦିରରେ ପ୍ରବେଶକୁ ବିରୋଧ କରିବେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ତଥା ଜଷ୍ଟିସ୍ ଭିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ ସୋମବାର ସବୁ ପକ୍ଷକୁ ୧୪ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ନିଜର ଲିଖିତ ଦଲିଲ ଦେବାର ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ୧୦ ଫେବୃଆରୀ ୨୦୨୦ର ରାୟକୁ ଦର୍ଶାଇ କହିଛନ୍ତି ଯେଉଁ ୭ ପ୍ରଶ୍ନକୁ ଧାର୍ଯ୍ୟ କରାଯାଇଛି,ଏହାର ଜବାବ ପାଇଁ ଶୁଣାଣି ଜରୁରୀ। କେନ୍ଦ୍ର ସରକାର କୋର୍ଟରେ କହିଛନ୍ତି, ସେ ସମୀକ୍ଷା ଆବେଦନର ସମର୍ଥନ କରୁଛନ୍ତି ଓ ମହିଳାଙ୍କୁ ଏହ ମନ୍ଦିରରେ ପ୍ରବେଶକୁ ବିରୋଧ କରନ୍ତି। ସଲିସିଟର ଜେନେରାଲ ତୁଷାର ମେହେତା ଏହି ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟରେ ଶୁଣାଣି ବେଳେ କାର୍ଯ୍ୟକ୍ରମ ମଧ୍ୟ ଧାର୍ଯ୍ୟ କରି ଦିଆଯାଇଛି। ୭ ରୁ ୯ ଏପ୍ରିଲ ପର୍ଯ୍ୟନ୍ତ ସମୀକ୍ଷା ଆବେଦନକାରୀଙ୍କ କିମ୍ବା ତାଙ୍କ ସମର୍ଥନ କରୁଥିବା ଦଲିଲ ଶୁଣାଯିବ। ସେଭଳି ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ବିରୋଧି ପକ୍ଷର ଦଲିଲ ହେବ। ୨୧ ଏପ୍ରିଲରେ ଜବାବୀ ଦଲିଲ ଶୁଣାଯିବ ଓ ୨୨ ଏପ୍ରିଲ ପର୍ଯ୍ୟନ୍ତ ଅନ୍ତିମ ବିତର୍କ ପୁରା କରାଯିବ। ଏହି ସମୟରେ ସୁପ୍ରିମକୋର୍ଟଙ୍କ ୯ ଜଣ ବିଚାରପତିଙ୍କ ଖଣ୍ଡପୀଠ ଧାର୍ମିକ ସ୍ୱାଧୀନତାର ସୀମା, ଧାରା ୨୫, ଓ ୨୬ର ଅଧିକାରର ସମ୍ପର୍କ, ସମାନତାର ଅଧିକାର, ସମ୍ବିଧାନିକ ନୈତିକତା, ଧାର୍ମିକ ସମ୍ପ୍ରଦାୟର ଅଧିକାର ଓ ଏହି ପ୍ରଶ୍ନ କ'ଣ କୌଣସି ବାହାର ବ୍ୟକ୍ତି ଜନହିତ ଆବେଦନ ଜରିଆରେ ଧାର୍ମିକ ପ୍ରଥାକୁ ଚ୍ୟାଲେଞ୍ଜ ଦେଇପାରେ, ଯେପରି ପ୍ରସଙ୍ଗ ଉପରେ ନିଷ୍ପତ୍ତି କରିବ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୬/୦୨/୨୦୨୬
୪,୩୩,୭୧୮ ଟଙ୍କା
ସୁନା:-ନିଲ୍
ରୂପା:-୧୦ ଗ୍ରାମ୍ ୮୦୦ ମିଲିଗ୍ରାମ୍

## ଅଲିଭ୍‌ରିଡ୍‌ଲେଙ୍କ ମୃତ୍ୟୁରେ ଲାଗୁନି ଅଙ୍କୁଶ

ଜଗତସିଂହପୁର, ୧୬/୦୨ ନ୍ୟୁଜ ବ୍ୟୁରୋ

ଜଗତସିଂହପୁର ଜିଲ୍ଲାର ଶିଆଳିଠାରୁ ପାରାଦୀପ ବେଳାଭୂମି ପର୍ଯ୍ୟନ୍ତ ଅଲିଭ୍‌ରିଡ୍‌ଲେଙ୍କ ମୃତ୍ୟୁ ଉପତ୍ୟକା ପାଲଟିଛି। ଦୈନିକ କଇଁଛ ମରି କୂଳରେ ଲାଗୁଛନ୍ତି। ଏହାକୁ ଲୁଚାଛପାରେ ବନବିଭାଗ ପକ୍ଷରୁ ପୋତି ଦିଆଯାଉଛି। ସବୁଠାରୁ ବଡ଼ କଥା ହେଉଛି ମୃତ କଇଁଛଙ୍କ ପିଠିରେ ବୋଟ୍ ଓ ଟ୍ରଲର ପଙ୍ଖା ମାଡ଼ ଚିହ୍ନ ରହିଛି। ନିଷିଦ୍ଧାଞ୍ଚଳରେ ବେଆଇନ ମାଛମରା ବଢ଼ି ଚାଲିଥିବାରୁ ଅଲିଭ୍‌ରିଡ୍‌ଲେଙ୍କ ପ୍ରତି ବିପଦ ସୃଷ୍ଟି ହେବାରେ ଲାଗିଛି।

### ବିଜେଡ଼ି ବିଧାୟକ ଦଳ ବୈଠକ

## ସରକାରଙ୍କୁ ଘେରିବା ପାଇଁ ବିଧାୟକଙ୍କୁ ଗୁରୁ ମନ୍ତ୍ର ଦେଲେ ସୁପ୍ରିମୋ



ଭୁବନେଶ୍ୱର, ୧୬/୦୨ ନ୍ୟୁଜ ବ୍ୟୁରୋ

ସରିଲା ବିଜେଡ଼ି ବିଧାୟକ ଦଳ ବୈଠକ । ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, ଧାନ, ମହାନଦୀ, ଭଳି ପ୍ରସଙ୍ଗ ନେଇ ଶାସକ ଦଳକୁ ଘେରିବ ବିରୋଧୀ । ବିଜେଡି ବିଧାୟକ ଦଳ ବୈଠକ ପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି। ରାଜ୍ୟର ଟ୍ରିପଲ ଇଞ୍ଜିନ ସରକାର ମହାନଦୀ ସମସ୍ତଙ୍କୁ ସମାଧାନ କରିବାରେ ବିଫଳ ହୋଇଛନ୍ତି। ଗତ ବଜେଟର ଟଙ୍କା ଖର୍ଚ୍ଚ କରିବାରେ ବିଫଳ ହୋଇଛନ୍ତି। କେତୋଟି ବିଭାଗର ଅର୍ଥ ୮ରୁ ୧୦ ପ୍ରତିଶତ ଖର୍ଚ୍ଚ କରିଛନ୍ତି। ବୈଠକରେ ନବୀନ ପଟ୍ଟନାୟକ ନିଜ ଦଳର ବିଧାୟକଙ୍କୁ ବଜେଟ୍ ଅଧିବେଶନରେ ସରକାରଙ୍କ ବିରୋଧରେ ଆଭିମୁଖ୍ୟ କଣ ରହିବେ ତାହା ଜଣାଇଛନ୍ତି। ବୈଠକରେ ବିଧାୟକମାନଙ୍କୁ ସମ୍ବୋଧିତ କରି ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି, ଆପଣମାନେ ଜାଣନ୍ତି ଯେ, ବିଧାନସଭାର ବଜେଟ୍ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେଉଛି ଏବଂ ଆମକୁ ଏହାକୁ ଗମ୍ଭୀରତାର ସହ ନେବାକୁ ପଡ଼ିବ। ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ବିଫଳତା ପାଇଁ ସରକାରଙ୍କୁ ଘେରିବାକୁ ଯଥାସମ୍ଭବ ଚେଷ୍ଟା କରିବା ଉଚିତ। ବର୍ତ୍ତମାନର 'ଡବଲ-ଇଞ୍ଜିନ' ସରକାର ସ୍ଲୋଗାନ ଏବଂ ଫଟୋ-ଅପ୍ସରେ ବ୍ୟସ୍ତ ଥିବାବେଳେ, ଆମର ଚାଷୀମାନେ ମଣ୍ଡିରେ ଖୋଲା ଆକାଶ ତଳେ ଶୀତ ରାତି ବିତାଉଛନ୍ତି। ସେମାନଙ୍କର କଠିନ ପରିଶ୍ରମର ଫସଲକୁ କାକର ଏବଂ ଚୋରିରୁ ରକ୍ଷା କରୁଛନ୍ତି। ବିଜୁ ଜନତା ଦଳ ଏକମାତ୍ର ଦଳ ଯାହା ସମସ୍ତ ଋତୁରେ ଚାଷୀଙ୍କ ସହିତ ଛିଡା ହୋଇଛି ଏବଂ ଏହି ସରକାରଙ୍କ ଚାଷୀ ବିରୋଧୀ ମନୋଭାବ ବିରୁଦ୍ଧରେ ଲଢୁଛି। ଆମର ଦଳ ଗତ ମାସରୁ ରାସ୍ତାକୁ ଓହ୍ଲାଉଛି। ବିଭିନ୍ନ ଜିଲ୍ଲାରେ ବିଶାଳ ରାଲି ଏବଂ ପ୍ରତିବାଦ ପାଇଁ ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି। ଆପଣ ଜାଣିଥିବେ ଫେବୃଆରୀ ୯ ତାରିଖରେ ମୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ମଣ୍ଡିରେ ହେଉଥିବା ଘଟଣା କହିଛି ଯେ, ଜନପ୍ରତି ସବସିଡି ଉପରେ ୧୫୦ କ୍ୱିଣ୍ଟାଲ ସୀମା, ମଣ୍ଡିରେ ଅବ୍ୟବସ୍ଥା ଏବଂ ୪୮ ଘଣ୍ଟାରୁ ଅଧିକ ସମୟ ପାଇଁ ଦେୟ ଦେବାରେ ବିଳମ୍ବ, ସ୍ୱଳ୍ପକାଳୀନ ବିକ୍ରୟ ଇତ୍ୟାଦି ଉପରେ ଆଲୋକପାତ କରିଥିଲି। ଆସନ୍ତା ବିଧାନସଭା ଅଧିବେଶନରେ, ଆମେ ସରକାରଙ୍କୁ ଭାଷଣବାଜି ପଛରେ ଲୁଚିବାକୁ ଦେବୁ ନାହିଁ। ଆମର ରଣନୀତି ସରକାରଙ୍କ ଆଖି ଖୋଲିବା ପରି ହେବା ଉଚିତ୍। ସରକାରଙ୍କୁ ନିଜ ବିଫଳତାର ଉତ୍ତରଦାୟୀ କରିବା ପାଇଁ ଆମେ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରରେ ପଦଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରିବୁ। ଯଦି ମଣ୍ଡିରେ ଚାଷୀଙ୍କ ସ୍ୱର ଶୁଣା ନ ଯାଏ, ତେବେ ବିଧାୟକମାନେ ବିଧାନସଭାରେ ଗର୍ଜନ କରିବେ। ନବୀନ ଏହା ମଧ୍ୟ କହିଛନ୍ତି, ଆସନ୍ତୁ ଆମେ ମଣ୍ଡି ବାହାରେ ଦେଖିବା। ଏହି ସରକାର କେବଳ ଆମର ଚାଷୀମାନଙ୍କୁ ନିରାଶ କରୁନାହିଁ; ଏହା ଓଡ଼ିଶାର ଅର୍ଥନୀତିକୁ ବିଫଳ କରୁଛି। ଆପଣ ଜାଣନ୍ତି ଯେ ଡିସେମ୍ବର ପର୍ଯ୍ୟନ୍ତ ସରକାରୀ ବଜେଟ୍ ଖର୍ଚ୍ଚ ପ୍ରାୟ ୪୭% ଥିଲା। ଆର୍ଥିକ ବର୍ଷର ଶେଷ ୧୦ ମାସରେ କିଛି ବିଭାଗର ଖର୍ଚ୍ଚ ୧୫% ପର୍ଯ୍ୟନ୍ତ କମ୍ ରହିଛି। ବିଭାଗଗୁଡ଼ିକ ଦ୍ୱାରା କମ୍ ଖର୍ଚ୍ଚ ହେଉଛି ଏବଂ ଲୋକଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ କରାଯାଉଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ଏକ ବଡ଼ ଚିନ୍ତାର ବିଷୟ। କେହି ସୁରକ୍ଷିତ ନୁହଁନ୍ତି ଏବଂ ବିଶେଷକରି ଆମର ମହିଳା ଏବଂ ଶିଶୁମାନେ, ଦିନରେ ମଧ୍ୟ ଅସୁରକ୍ଷିତ. ମହାନଦୀ ପ୍ରସଙ୍ଗ ଅସମାହିତ ହୋଇ ରହିଛି। ରାଜ୍ୟ ସରକାର କୌଣସି ଆଗ୍ରହ ଦେଖାଉନାହାନ୍ତି ଏବଂ ଛତିଶଗଡ ସରକାରଙ୍କ ହାତରେ ଅଦୃଶ୍ୟ ଖେଳରେ ନୀରବ ଦର୍ଶକ ସାଜିଛନ୍ତି। ଏହି ସରକାର ମିଥ୍ୟା ପ୍ରଚାର ବ୍ୟତୀତ ସମସ୍ତ କ୍ଷେତ୍ରରେ ବିଫଳ ହୋଇଛି। ପ୍ରମୁଖ ବିରୋଧୀ ଦଳ ଭାବରେ, ଆମର ଚାଷୀ, ମହିଳା, ଛାତ୍ର ଏବଂ ଓଡ଼ିଆ ଅସ୍ମିତାର ସ୍ୱାର୍ଥ ରକ୍ଷା ପାଇଁ ଆମକୁ ବିଧାନସଭାର ବଜେଟ ଅଧିବେଶନରେ ଆକ୍ରମଣାତ୍ମକ ଭାବରେ ଲଢ଼ିବା ଉଚିତ ବୋଲି ନବୀନ ନିଜ ପାର୍ଟିର ବିଧାୟକଙ୍କୁ କହିଛନ୍ତି।

### କିଟ୍ ବିଶ୍ୱବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ

## ବିଶ୍ୱର ୪ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ କିଟ୍ ଜୀବନବ୍ୟାପୀ ସାଧନା ପୁରସ୍କାର



ଭୁବନେଶ୍ୱର, ୧୬ ।୨
ନ୍ୟୁଜ ବ୍ୟୁରୋ

ସୋମବାର କିଟ ବିଶ୍ୱବିଦ୍ୟାଳୟ ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଲମ୍ବିଆ ହସପିଟାଲିଟି ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଜନ୍ ଓପେନହାଇମର; କଲମ୍ବୋ ହୁନୁପିଟିଆ ଗଙ୍ଗାରାମାୟ ମନ୍ଦିରର ମୁଖ୍ୟ ପଦାଧିକାରୀ ଡ କିରିଣ୍ଡେ ଆସାଜି ନାୟକ ଥେରୋ; ଦି ପ୍ରିଣ୍ଟର୍ସ (ମହୀଶୂର) ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଏବଂ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ବୋର୍ଡର ପ୍ରାକ୍ତନ ନିର୍ଦ୍ଦେଶକ କେ.ଏନ୍. ଶାନ୍ତ କୁମାର; ଏବଂ ତିବ୍ବତୀୟ ବୌଦ୍ଧ ଧର୍ମର ଗୁରୁ ତଥା ସ୍ୱିଜରଲ୍ୟାଣ୍ଡର ରିପା ଇଣ୍ଟରନ୍ୟାସନାଲ୍ ସେଣ୍ଟରର ଆଧ୍ୟାତ୍ମିକ ନିର୍ଦ୍ଦେଶକ ଗେଡରୁଲ୍ ଜିଗମେ ରିନପୋଚେ ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା ଦିବସ ବକ୍ତୃତ ପ୍ରଦାନ କରିଥିଲେ । ଏହି ଅବସରରେ ସେମାନଙ୍କୁ କିଟ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ଉଦବୋଧନ ଦେଇ ଓପେନହାଇମର କହିଲେ, ସିଆଟେଲର କିଟ ଓ କିସ୍ ପରିଦର୍ଶନ କରି ସେ ଗଭୀର ଭାବରେ ଭାବପ୍ରବଣ ହୋଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଏହି ସମାଜ ପ୍ରତି ତୁମର ଯେଉଁ ଅବଦାନ ରହିଛି ତାହା କିଛି କମ୍ ନୁହେଁ। ନିଜ ସଂପ୍ରଦାୟ, ପରିବାର, ଦେଶ ଓ ବିଶ୍ୱକୁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାର ସୁଯୋଗ ଛାତ୍ରଛାତ୍ରୀଙ୍କ ନିକଟରେ ଅଛି। ଛାତ୍ରଛାତ୍ରୀମାନେ ନିଜ ହୃଦୟକୁ ଅନୁସରଣ କରିବା ଉଚିତ। କାରଣ ଏହା ତୁମମାନଙ୍କୁ ତୁମ ଉଦ୍ଦେଶ୍ୟ ସହିତ ଯୋଡ଼ି ରଖିବା ସହ ନିଷ୍ପତ୍ତି ନେବା ସହଜ କରିଦିଏ। ଯଦି ତୁମେ ତୁମ ହୃଦୟକୁ ଅନୁସରଣ କର, ତେବେ ନିଷ୍ପତ୍ତି ନେବା ସହଜ ହୋଇଯାଏ।

ବିଶିଷ୍ଟ ସାମ୍ବାଦିକ କେ.ଏନ୍. ଶାନ୍ତ କୁମାର କହିଲେ, କିଟ୍ କେବଳ ଅନୁଷ୍ଠାନ ନୁହେଁ; ଏହା ଏକ ଦୃଷ୍ଟିକୋଣ। ସାମ୍ବାଦିକତାରେ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ନିଜ ଅଭିଜ୍ଞତା ଉପରେ ଗୁରୁତ୍ୱାରୋପ କରି ସେ କହିଲେ, ଗଣମାଧ୍ୟମର ଦୃଶ୍ୟପଟ ନାଟକୀୟ ଭାବରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ, ଏହାର ମୌଳିକ ମୂଳଦୁଆ ସ୍ଥିର ରହିଛି। ଆଜି, ପ୍ରତ୍ୟେକ ମିନିଟ୍‌ରେ ଖବର ପ୍ରକାଶ ପାଏ। କିନ୍ତୁ ସତ୍ୟ, ବିଶ୍ୱସନୀୟତା, ଯାଞ୍ଚ ଓ ନୈତିକ ଖବର ପରିବେଷଣ କରିବା ସାମ୍ବାଦିକତାର ମୂଳଦୁଆ ହୋଇ ରହିଛି ବୋଲି ସେ କହିଥିଲେ। ଦାୟିତ୍ୱପୂର୍ଣ୍ଣ ନାଗରିକ ସାମ୍ବାଦିକତାରେ ସାମିଲ ହେବାକୁ ଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ସେ କହିଲେ, ଜିଜ୍ଞାସୁ ରହିବା, ବିଶ୍ୱସନୀୟତାକୁ ମୂଲ୍ୟ ଦେବା ଓ ସ୍ଥିରତା ନିର୍ମାଣ କରିପାରିଲେ ସାମ୍ବାଦିକତା ଜରିଆରେ ଲୋକ କଲ୍ୟାଣ ହୋଇପାରିବ।

ଡ କିରିଣ୍ଡେ ଆସାଜି ନାୟକ ଥେରୋ କିଟ୍‌ର ପ୍ରତିଷ୍ଠା ଦିବସକୁ 'ଇତିହାସର ଆଧ୍ୟାତ୍ମିକ ପୁନର୍ମିଳନ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଲେ, 'ମୁଁ ଅନେକ ଦେଶ ଗସ୍ତ କରିଛି, ଅନେକ ପ୍ରତିଷ୍ଠାନ ଦେଖିଛି, କିନ୍ତୁ କରୁଣା, ଶୃଙ୍ଖଳା, ମାନବତା ଓ ଦୃଷ୍ଟିକୋଣ ଆଦିର ମିଳନ ହୋଇଥିବା କିଟ୍ ଓ କିସ୍ ଭଳି ଅନୁଷ୍ଠାନ ବହୁତ କମ୍ ଦେଖିଛି।

ରିନପୋଚେ କହିଲେ, ସଫଳତା ହାସଲ କରୁଥିବା ଅନେକ ଲୋକ ଅଛନ୍ତି, କିନ୍ତୁ ବହୁତ କମ୍ ଲୋକ ନମ୍ର ହୋଇ ରହନ୍ତି। ମୋ ପାଇଁ, ଏହା ପ୍ରକୃତ ସଫଳତା ସେ କହିଥିଲେ। ସେ ବ୍ୟବହାରିକ କରୁଣା ବିଷୟରେ କହିଲେ, ବ୍ୟବହାରିକ କରୁଣା ପାଇଁ ଦାର୍ଶନିକ କିମ୍ବା ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ ନାହିଁ। କିମ୍ବା ସମସ୍ତ ଜଟିଳ ଦର୍ଶନ ଓ ଏକାଡେମୀରେ ଏତେ ଶିକ୍ଷିତ ହେବା ଆବଶ୍ୟକ ନାହିଁ। କେବଳ ଅନ୍ୟମାନଙ୍କ ପ୍ରତି ଅନୁଭବ କରିବାର କ୍ଷମତାକୁ ବ୍ୟବହାରିକ କରୁଣା କୁହାଯାଏ। ତାଙ୍କ ଜେଜେମା'ଙ୍କ କଥା ମନେ ପକାଇ ସେ କହିଥିଲେ, 'ଦାନ କରି କେହି କେବେ ଗରିବ ହୁଅନ୍ତି ନାହିଁ । ଯେଉଁମାନେ ଦିଅନ୍ତି ନାହିଁ ସେମାନେ ସର୍ବଦା ଗରିବ ହୋଇ ରହନ୍ତି। ଦାରିଦ୍ର୍ୟ ମନରେ ଅଛି ଦାନରେ ନାହିଁ ବୋଲି ସେ କହିଥିଲେ। ସ୍ୱାଗତ ଭାଷଣ ଦେଇ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ନୀରବ, ଦୃଢ଼ ସଂକଳ୍ପ ଓ ଏକ ଦୂରଦୃଷ୍ଟି ସହିତ କିଟ୍‌ର ଯାତ୍ରା ଆରମ୍ଭ ହୋଇଥିଲା। ଏହାକୁ ପଛକୁ ଫେରି ଚାହିଁ ଦେଖିଲେ, ଆମେ ଯାହା କିଛି ସଫଳତା ହାସଲ କରିଛୁ ତାହା କିଟ୍, କିସ୍ ଓ କିମସର କର୍ମଚାରୀ, ଛାତ୍ରଛାତ୍ରୀଙ୍କ ମିଳିତ ପ୍ରୟାସ ଯୋଗୁଁ ହିଁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ।

### ପିଟିଆଇ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱତନ୍ତ୍ର ସାକ୍ଷାତକାର

## ଆର୍ଥିକ କ୍ଷମତା ଓ ସ୍ଥିର ନୀତି ଯୋଗୁଁ ଭାରତ ନିଜ ସର୍ତ୍ତରେ ବୁଝାମଣା କରୁଛି



ନୂଆଦିଲ୍ଲୀ : ୧୬/୦୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ନ୍ୟୁଜ୍ ଏଜେନ୍ସି ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)କୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ୟୁରୋପୀୟ ସଂଘ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ), ଆମେରିକାର ଶୁଳ୍କ ହ୍ରାସ ଆରମ୍ଭ କରି ବଜେଟ୍‌ରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ଆବଣ୍ଟିତ ସବୁଠୁ ବଡ଼ ବଜେଟ୍ ସମେତ ଏମ୍ଏସ୍ଏମ୍‌ଇ ଉପରେ ଗୁରୁତ୍ୱ ଉପରେ ପ୍ରଶ୍ନର ଉତ୍ତର ଦେଇଛନ୍ତି। ୟୁରୋପୀୟ ସଂଘ ସହିତ ବାଣିଜ୍ୟ ଚୁକ୍ତି ଏବଂ ଆମେରିକାର ଶୁଳ୍କ ହ୍ରାସ ଭାରତର ବିକାଶ ଏବଂ ଅର୍ଥବ୍ୟବସ୍ଥାର ପଥକୁ କିପରି ପରିବର୍ତ୍ତନ କରିବ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି- ଆର୍ଥିକ କ୍ଷମତା ଏବଂ ସ୍ଥିର ନୀତି କାରଣରୁ ଭାରତ ନିଜ ସର୍ତ୍ତରେ ବୁଝାମଣା କରିପାରୁଛି । ଭାରତ ୩୮ ଦେଶ ସହିତ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ (ଏଫ୍‌ଟିଏ) ଉପରେ କାମ କରୁଛି। ଏଫଟିଏ ଫଳରେ ଟେକ୍ସଟାଇଲ୍, ଲେଦର୍ ଏବଂ ଏମ୍ଏସ୍ଏମ୍‌ଇକୁ ନୂଆ ବଜାର ଏବଂ ଅଧିକ ରପ୍ତାନି ସୁଯୋଗ ମିଳିବ। ଏହି ଅବସରରେ ମୋଦୀ ୟୁପିଏ ସରକାର ସମୟର ଆର୍ଥିକ ମିସ୍‌ମ୍ୟାନେଜମେଣ୍ଟର ସମାଲୋଚନା କରିଛନ୍ତି । ସେ କହିଛନ୍ତି ୟୁପିଏ ରାଜ୍ୟରେ କଥାବାର୍ତ୍ତା ଆରମ୍ଭ ହେଉଥିଲା ଏବଂ ପୁଣି ଭାଙ୍ଗିଯାଉଥିଲା । ଦୀର୍ଘ କଥାବାର୍ତ୍ତା ସତ୍ତ୍ୱେ କୌଣସି ଖାସ୍ ଫଳାଫଳ ବାହାରୁ ନଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି, ଆମେ ସାରା ବିଶ୍ୱର ଡାଟା ଭାରତକୁ ଆଣିବା ପାଇଁ ଆମନ୍ତ୍ରଣ କରୁଛୁ। ଭାରତ କମ୍ପ୍ୟୁଟିଙ୍ଗ୍ ପାୱାର୍ ଏବଂ ଡାଟା ସେଣ୍ଟର୍ ଇନ୍‌ଫ୍ରା କାପାସିଟିକୁ ବଢ଼ାଇ ଏକ ଆଇଏ ଇକୋସିଷ୍ଟମ୍ ମୂଳଦୁଆ ରଖିଛି। ଅନ୍ୟପକ୍ଷରେ ରିଫର୍ମ ଏକ୍ସପ୍ରେସ୍ ବହୁତ ବଡ଼ ଉନ୍ନତି କରିଛି। ଆଗାମୀ ଦଶକ ପାଇଁ ଷ୍ଟ୍ରକ୍‌ଚରାଲ୍ ରିଫର୍ମ, ଡିପ୍ ଇନୋଭେସନ୍ ଏବଂ ସହଜ ଗଭର୍ଣ୍ଣେସ୍ ତିନିଟି ରିଫର୍ମ ପ୍ରାୟୋରିଟି। ସେ କହିଛନ୍ତି, ସରକାର ବାୟୋଫାର୍ମା, ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିସକ୍ସ ପରି ନୂଆ କ୍ଷେତ୍ରରେ ନିବେଶ କରୁଛି । ଏହା ଦ୍ୱାରା ରୋଜଗାର ଏବଂ ନିବେଶ ବୃଦ୍ଧି ପାଇବ। ଏହି ଏଫଟିଏଗୁଡ଼ିକ ଭାରତର ଉତ୍ପାଦିତ ଉତ୍ପାଦ ପାଇଁ ପ୍ରମୁଖ ଅର୍ଥବ୍ୟବସ୍ଥାଗୁଡ଼ିକର ବଜାରକୁ ଖୋଲି ଦେଇଛି। ଉଦାହରଣ ସ୍ୱରୂପ, ଭାରତ -ବ୍ରିଟେନ ଏଫଟିଏ ଏବଂ ଭାରତ-ୟୁରୋପୀୟ ସଂଘ ଏଫଟିଏ ଏହି ଦେଶଗୁଡ଼ିକୁ ଆମର ୯୯% ରପ୍ତାନି ଉପରେ ଶୁଳ୍କ ଉଚ୍ଛେଦ କରିବ। ଅଷ୍ଟ୍ରେଲିଆ ଏବଂ ୟୁଏଇ ସହିତ ଏଫଟିଏ ସ୍ୱାକ୍ଷର କରିବା ପରଠାରୁ ଏହି ଦୁଇ ଦେଶ ସହିତ ବାଣିଜ୍ୟ କାରବାର ଦ୍ୱିଗୁଣିତ ହୋଇଛି ।

ଏହି ବାଣିଜ୍ୟ ଚୁକ୍ତିନାମାଗୁଡ଼ିକ କେବଳ ଶୁଳ୍କ ହ୍ରାସ ଯୋଗୁଁ ନୁହେଁ ବରଂ ଉନ୍ନତ ଅର୍ଥବ୍ୟବସ୍ଥାଗୁଡ଼ିକରେ ଯୋଗାଣ-ଶୃଙ୍ଖଳ ସମନ୍ୱୟ ଏବଂ ବଜାର ପ୍ରବେଶ ଯୋଗୁଁ ଗୁରୁତ୍ୱପୂର୍ଣ୍ଣ । ଏଗୁଡ଼ିକ ଧୀରେ ଧୀରେ ଉତ୍ପାଦନ ଶୁଳ୍କକୁ କୋହଳ କରିଥା'ନ୍ତି, ସେବା ସମନ୍ୱୟକୁ ଗଭୀର କରନ୍ତି ଏବଂ କପଡ଼ା, ଜୋତା, ଇଲେକ୍ଟ୍ରୋନିକ୍ସ ଓ ଇଞ୍ଜିନିୟରିଂ ସାମଗ୍ରୀ ଭଳି ଶ୍ରମ-ସଘନ ରପ୍ତାନି ପାଇଁ ନୂତନ ମାର୍ଗ ସୃଷ୍ଟି କରନ୍ତି । ଏହି ଅର୍ଥରେ, ସେଗୁଡ଼ିକ କେବଳ ମୁଖ୍ୟ ବାଣିଜ୍ୟ ସଂଖ୍ୟା ବୃଦ୍ଧି କରିବା ପରିବର୍ତ୍ତେ ଢାଞ୍ଚାଗତ ପରିବର୍ତ୍ତନକୁ ସମର୍ଥନ କରନ୍ତି।

ଏହି ଏଫଟିଏଗୁଡ଼ିକ ଘରୋଇ ସଂସ୍କାରକୁ ବାହ୍ୟ ପ୍ରତିଶ୍ରୁତି ସହିତ ଯୋଡିଥାଏ। ଏଗୁଡ଼ିକ ରପ୍ତାନି ସୁଯୋଗକୁ ବିସ୍ତାର କରନ୍ତି, ପ୍ରତିଯୋଗୀଙ୍କ ତୁଳନାରେ ଶୁଳ୍କ ଅସୁବିଧାକୁ ହ୍ରାସ କରନ୍ତି ଏବଂ ଭାରତୀୟ ଫାର୍ମଗୁଡ଼ିକୁ ବିଶ୍ୱ ମୂଲ୍ୟ ଶୃଙ୍ଖଳରେ ଅଧିକ ଗଭୀର ଭାବରେ ଯୋଡ଼ିଥା'ନ୍ତି। ଏଗୁଡ଼ିକ ୨୦୪୭ ସୁଦ୍ଧା ବିକଶିତ ଭାରତର ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ସମନ୍ୱିତ ହୋଇ ଏକ ଅଧିକ ଖୋଲା, ଆତ୍ମବିଶ୍ୱାସୀ ଏବଂ ବିଶ୍ୱବ୍ୟାପୀ ନିୟୋଜିତ ଅର୍ଥବ୍ୟବସ୍ଥା ହେବା ଦିଗରେ ଭାରତର ପରିବର୍ତ୍ତନକୁ ମଜବୁତ କରିଥା'ନ୍ତି। 'ବଜେଟ୍‌ରେ ଚଳିତ ବର୍ଷ ପ୍ରତିରକ୍ଷା କ୍ଷେତ୍ରରେ ବହୁ ବୃଦ୍ଧି ହୋଇଛି। ଏହା କ'ଣ ଅପରେସନ୍ ସିନ୍ଦୂରର ସଫଳତା ଏବଂ ସେଥିରୁ ମିଳିଥିବା ଶିକ୍ଷାର କାରଣ? ଏହା କ'ଣ ଆମ ପଡୋଶୀଙ୍କ ପ୍ରତି ଲଗାତାର ଅବିଶ୍ୱାସର ସଙ୍କେତ? ଏବଂ ପାକିସ୍ତାନ ସହ ଆଉ ଏକ ଯୁଦ୍ଧର ବିପଦ କେତେ ବାସ୍ତବିକ? ପିଟିଆଇର ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆମ ସରକାର ପ୍ରଥମ ଦିନରୁ ହିଁ ଏହା ସ୍ପଷ୍ଟ କରିସାରିଛି ଯେ ଆମକୁ ସେନା ପାଇଁ ଯାହା ବି କରିବାକୁ ହେବ, ତାହା କରିବୁ। ହଁ ଚଳିତ ବର୍ଷ ବଜେଟ୍‌ରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ବୃଦ୍ଧି କରାଯାଇଛି। ଏହା ଏକ ବ୍ୟାପକ ଦୃଷ୍ଟିକୋଣର ଅଂଶବିଶେଷ, ଯାହା ଆମ ସରକାରର ନୀତି ଏବଂ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି । ଗତ ଚାରି ଦଶକ ଧରି ପଡ଼ିରହିଥିବା ଦାବି ଅର୍ଥାତ୍ ଓଆରଓପି (ୱାନ୍ ର୍‍ୟାଙ୍କ୍ ୱାନ୍ ପେନ୍‌ସନ୍)କୁ ପୂରା କରିବା ମଧ୍ୟ ଏହି ସରକାରର ଉପଲବ୍ଧ । ଏଥିରୁ ସ୍ପଷ୍ଟ ହେଉଛି ସରକାର କେବଳ ପ୍ରତିରକ୍ଷା ବଜେଟ୍ ବୃଦ୍ଧି କରିବାରେ ସଙ୍କୋଚ କରୁନାହାନ୍ତି, ବରଂ ସେନାର ଭେଟେରାନ୍‌ଙ୍କୁ ଉଚିତ ସମ୍ମାନ ଏବଂ ସୁବିଧା ଯୋଗାଇ ଦେବା ପାଇଁ ମଧ୍ୟ କାର୍ଯ୍ୟରତ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅପରେସନ୍ ସିନ୍ଦୂର ସାରା ଦେଶକୁ ଗର୍ବିତ କରିଛି। ଏହି ଅପରେସନ୍‌ରେ ଆମର ସଶସ୍ତ୍ର ବଳ ଯେଉଁ ସାହସ ଏବଂ ସମର୍ପଣ ଦେଖାଇଛି, ତାହା ପ୍ରଶଂସନୀୟ। ଏହି ଅପରେସନ୍ କେବଳ ଆମ ସୈନ୍ୟ କ୍ଷମତାକୁ ଦେଖାଉ ନାହିଁ, ବରଂ ଗତ ଦଶକରେ ଆମ ଦ୍ୱାରା କରାଯାଇଥିବା ପ୍ରତିରକ୍ଷା ସୁଧାରର ପ୍ରମାଣ ମଧ୍ୟ । ସେ କହିଛନ୍ତି, ଗତ ଦଶବର୍ଷରେ ପ୍ରତିରକ୍ଷା କ୍ଷେତ୍ରରେ ଯେଉଁ ସୁଧାରକୁ ଲଗୁ କରାଯାଇଛି, ତାହାର ମହତ୍ତ୍ୱ ଅପରେସନ୍ ସିନ୍ଦୂର ଅବସରରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି । ଆଧୁନିକ ଅସ୍ତ୍ରଶସ୍ତ୍ର ସିଷ୍ଟମ୍, ଉନ୍ନତ ରଣନୈତିକ ପ୍ରସ୍ତୁତି ଏବଂ ଟେକ୍ନୋଲୋଜିକାଲ୍ ଅପଗ୍ରେଡେସନ୍ ଆମ ସୈନିକଙ୍କୁ

ଶକ୍ତିଶାଳୀ କରିଛି। ଏହି ପ୍ରକ୍ରିୟାରେ ପ୍ରତିରକ୍ଷା ବଜେଟ୍‌ରେ ଲଗଲତାର ବୃଦ୍ଧି ଏବଂ ଆଧୁନିକୀକରଣ ପଦକ୍ଷେପ ପ୍ରମୁଖ ରହିଛି। ଏହାକୁ ଆମେ କୌଣସି ଏକ ଖାସ୍ ଘଟଣା କିମ୍ବା ପ୍ରସଙ୍ଗରେ ସୀମିତ ରଖିବା ଜରୁରୀ ନୁହେଁ, ବରଂ ଏହାକୁ ଆମର ଲଗାତାର ଏବଂ ଲଙ୍ଗ୍-ଟର୍ମ ସୁରକ୍ଷା ରଣନୀତିର ଅଂଶବିଶେଷ ଭାବେ ଦେଖିବା ଉଚିତ୍। ପାକିସ୍ତାନ ସହ ଆଉ ଏକ ଯୁଦ୍ଧ ବିପଦ କେତେ ବାସ୍ତବିକ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ଦେଶ ସର୍ବଦା ଶକ୍ତିଶାଳୀ ଏବଂ ପ୍ରସ୍ତୁତ ରହିବାକୁ ପ୍ରତିଜ୍ଞା ନେଇଛି। ବିଶ୍ୱର ପରିବର୍ତ୍ତିତ ସୁରକ୍ଷା ପରିସ୍ଥିତିକୁ ଧ୍ୟାନରେ ରଖି ଆମର ପ୍ରତିରକ୍ଷା ତନ୍ତ୍ର ଲଗାତାର ବିକଶିତ ହେଉଛି, ଯାହା ଫଳରେ ଆମେ ଯେକୌଣସି ଆହ୍ୱାନର ସାମ୍ନା କରିପାରିବୁ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଅପରେସନ୍ ସିନ୍ଦୂର ଏହା ଦର୍ଶାଉଛି ଯେ ଆମର ଯୋଜନା ଏବଂ ସୁଧାର ଠିକ୍ ଦିଗରେ ରହିଛି ଏବଂ ଏହା ବୀର ସିପାହୀଙ୍କ ହାତରେ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ରହିଛି । ଏହି ପୂରା ପ୍ରୟାସର ଉଦ୍ଦେଶ୍ୟ ଆମର ଦେଶର ସାର୍ବଭୌମ୍ୟ ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିବା। ଆମକୁ ଏହା ବୁଝାବାକୁ ହେବ ସୁରକ୍ଷା କୌଣସି ଗୋଟିଏ ଥରର ପ୍ରସ୍ତୁତି ନୁହେଁ, ବରଂ ଏହା ଲଗାତାର ଚାଲିଆସୁଥିବା ପ୍ରକ୍ରିୟା । ଅପରେସନ୍ ସିନ୍ଦୂରର ସଫଳତା ଆମକୁ ଏହି ବିଶ୍ୱାସ ଦେଉଛି ଯେ ଆମ ଦେଶ ପ୍ରତ୍ୟେକ ପରିସ୍ଥିତି ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଏବଂ ଆମ ଯବାନ ଦେଶର ରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ। ପିଟିଆଇ ସହିତ ଏହି ସାକ୍ଷାତକାର ବେଳେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମେ ସାରା ବିଶ୍ୱର ଡାଟା ଭାରତକୁ ଆଣିବା ପାଇଁ ଆମନ୍ତ୍ରଣ କରୁଛୁ। ଭାରତ କମ୍ପ୍ୟୁଟିଙ୍ଗ୍ ପାୱାର୍ ଏବଂ ଡାଟା ସେଣ୍ଟର୍ ଇନ୍‌ଫ୍ରା କାପାସିଟିକୁ ବଢ଼ାଇ ଏକ ଆଇଏ ଇକୋସିଷ୍ଟମ୍ ମୂଳଦୁଆ ରଖିଛି। ଅନ୍ୟପକ୍ଷରେ ରିଫର୍ମ ଏକ୍ସପ୍ରେସ୍ ବହୁତ ବଡ଼ ଉନ୍ନତି କରିଛି । ଆଗାମୀ ଦଶକ ପାଇଁ ଷ୍ଟ୍ରକ୍‌ଚରାଲ୍ ରିଫର୍ମ, ଡିପ୍ ଇନୋଭେସନ୍ ଏବଂ ସହଜ ଗଭର୍ଣ୍ଣେସ୍ ତିନିଟି ରିଫର୍ମ ପ୍ରାୟୋରିଟି । ସେ କହିଛନ୍ତି, ସରକାର ବାୟୋଫାର୍ମା, ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିସକ୍ସ ପରି ନୂଆ କ୍ଷେତ୍ରରେ ନିବେଶ କରୁଛି। ଏହା ଦ୍ୱାରା ରୋଜଗାର ଏବଂ ନିବେଶ ବୃଦ୍ଧି ପାଇବ। ପ୍ରଧାନମନ୍ତ୍ରୀ କହିଛନ୍ତି, ଆମର ବିକଶିତ ଭାରତର ଦୃଷ୍ଟିକୋଣରେ ଉତ୍ପାଦନ ସର୍ବଦା କେନ୍ଦ୍ରବିନ୍ଦୁ ହୋଇ ରହି ଆସିଛି। ଯେକୌଣସି ଦେଶ ଯିଏ ବ୍ୟାପକତାର ସହିତ ଏବଂ ଶୀଘ୍ର ବୃଦ୍ଧି ପାଇବାକୁ ଚାହେଁ, ତାହା କେବଳ ଏକ ଗ୍ରାହକ ହୋଇ ରହି ଏହା କରିପାରିବ ନାହିଁ । ଏହାକୁ ଉଚ୍ଚମାନର, ବିଶ୍ୱ ସ୍ତରୀୟ ପ୍ରତିଯୋଗିତାମୂଳକ ସାମଗ୍ରୀର ଉତ୍ପାଦକ ହେବାକୁ ପଡିବ।

ଏହି ବିଶ୍ୱାସ 'ମେକ୍ ଇନ୍ ଇଣ୍ଡିଆ'ର ଶୁଭାରମ୍ଭ ଏବଂ ସମୟ ସହିତ ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ଯୋଜନା ଭଳି ଲକ୍ଷ୍ୟ ଆଧାରିତ ହସ୍ତକ୍ଷେପ ଆଡ଼କୁ ନେଇଯାଇଛି। ଏହି ପଦକ୍ଷେପଗୁଡ଼ିକ ଏପରି ଉପକରଣ ଯାହା ଭାରତର ଶିଳ୍ପ ଭିତ୍ତିକୁ ପୁନଃନିର୍ମାଣ କରୁଛି, ଆମକୁ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ଏକୀକୃତ କରୁଛି ଏବଂ ବଡ଼ ପରିମାଣରେ ନିଯୁକ୍ତି ସୃଷ୍ଟି କରୁଛି। ଆମେ ବିଶ୍ୱ ମୂଲ୍ୟ ଶୃଙ୍ଖଳାର ଅଂଶ ହେବା ପାଇଁ ଆବଶ୍ୟକ ଦକ୍ଷତା ବିକାଶ କରିବାରେ ଆମର ଯୁବପିଢ଼ିଙ୍କୁ ସମର୍ଥନ କରିବା ନିମନ୍ତେ ମଧ୍ୟ କାର୍ଯ୍ୟ କରିଆସୁଛୁ।

## ଆଜି 'ଭାରତ-ଭିସ୍ତାର' ଯୋଜନାର ଶୁଭାରମ୍ଭ କରିବେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ/ଜୟପୁର, ୧୬/୦୨

କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଙ୍ଗଳବାର ରାଜସ୍ଥାନ ଗସ୍ତରେ ଆସି ଜୟପୁର ଠାରେ ଦେଶବ୍ୟାପୀ କୃଷକମାନଙ୍କ ପାଇଁ ଏକ ନୂତନ ଡିଜିଟାଲ୍ ସହଯୋଗୀ 'ଭାରତ-ଭିସ୍ତାର' ଯୋଜନାର ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଏହି ଏଆଇ ଆଧାରିତ ପ୍ଲାଟଫର୍ମ ଚାଷୀମାନଙ୍କୁ ଫୋନ୍ କଲ୍, ଚାଟବଟ୍ ଏବଂ ଭବିଷ୍ୟତରେ ଆପ୍ ମାଧ୍ୟମରେ ପାଣିପାଗ, ବଜାର ମୂଲ୍ୟ, ରୋଗ ଏବଂ କୀଟପତଙ୍ଗ, ମାଟି, ଫସଲ ପରାମର୍ଶ ଏବଂ ସରକାରୀ ଯୋଜନା ବିଷୟରେ ସୂଚନା ପ୍ରଦାନ କରିବ। ପ୍ରଥମ ପର୍ଯ୍ୟାୟରେ ମହାରାଷ୍ଟ୍ର, ବିହାର ଏବଂ ଗୁଜରାଟ ସମେତ ଅନେକ ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କ ପାଖରେ ଏହି ସେବା ହିନ୍ଦୀ ଏବଂ ଇଂରାଜୀରେ ପହଞ୍ଚିବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ରାଜ୍ୟ କୃଷି ମନ୍ତ୍ରୀ ଏବଂ ଆଇସିଏଆର୍, କେଭିକେ, କୃଷି ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ କୃଷି ପ୍ରତିଷ୍ଠାନର ନେଟୱାର୍କ ମାଧ୍ୟମରେ ଦେଶର ଲକ୍ଷ ଲକ୍ଷ ଚାଷୀ ଭର୍ଚ୍ଚୁଆଲ୍ ଭାବରେ ଯୋଡିହେବେ। ଏହି କାର୍ଯ୍ୟକ୍ରମରେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାଗୀରଥ ଚୌଧୁରୀ, ରାମନାଥ ଠାକୁର, ରାଜସ୍ଥାନ କୃଷିମନ୍ତ୍ରୀ କିରୋଡି ଲାଲ ମୀନାଙ୍କ ସମେତ ସାଂସଦ, ବିଧାୟକ, ଅନ୍ୟାନ୍ୟ ଜନପ୍ରତିନିଧି ଏବଂ ବରିଷ୍ଠ ଅଧିକାରୀ ସାମିଲ ରହିବେ। କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସଚିବ ଡକ୍ଟର ଦେବେଶ ଚତୁର୍ବେଦୀ, ରାଜସ୍ଥାନର ମୁଖ୍ୟ ସଚିବ ଏବଂ କୃଷି ବିଭାଗର ଉଚ୍ଚ ପଦାଧିକାରୀମାନେ ମଧ୍ୟ ଏଥିରେ ସାମିଲ ରହିବେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ଶର୍ମା 'କୃଷି ରୋଡମ୍ୟାପ୍ ପାଇଁ ଏଆଇ' ଆରମ୍ଭ କରିବେ ଏବଂ 'ଏଆଇ ହାକାଥନ୍' ଓ 'ଆଗ୍ରିକୋଶ୍' ମଧ୍ୟ ଘୋଷଣା କରିବେ। 'ଭାରତ-ଭିସ୍ତାର' ହେଉଛି ଭାରତ ସରକାରଙ୍କ ଚାଷୀ-କୈନ୍ଦ୍ରିକ, ଏଆଇ-ଚାଳିତ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, ଯାହା ଚାଷୀମାନଙ୍କୁ ନିର୍ଭରଯୋଗ୍ୟ ସୂଚନା ପ୍ରଦାନ କରିବା ପାଇଁ ବିଭିନ୍ନ ସରକାରୀ ଏବଂ ବୈଜ୍ଞାନିକ ଉତ୍ସଗୁଡ଼ିକୁ ସଂଯୋଗ କରିବ। ଏହି ପ୍ଲାଟଫର୍ମରେ ଚାଷୀମାନେ ପାଣିପାଗ, ବଜାର ମୂଲ୍ୟ, କୀଟପତଙ୍ଗ ଏବଂ ରୋଗ, ମୃତ୍ତିକା ସ୍ୱାସ୍ଥ୍ୟ, ଫସଲ ପରିଚାଳନା ଏବଂ ଅତି କମରେ ୧୦ଟି ପ୍ରମୁଖ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ବନ୍ଧୀୟ ସୂଚନା ଏବଂ ସ୍ଥିତି ଦେଖିପାରିବେ।

